Odia Daily

www.theutkalsamachar.com

ଉତ୍କଳ ସମାଚାର

ଚୈତନ୍ୟମୟ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:294✦21 February 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୯୪✦୨୧ ଫେବୃଆରୀ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ରାଜ୍ୟ ବଜେଟ୍ ୨୦୨୬-୨୭ :

୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦/୨(ନି/ପ୍ର): ରାଜ୍ୟ ବଜେଟ୍ ୨୦୨୬-୨୭ ଉପସ୍ଥାପିତ । ମୋଟ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗତବର୍ଷ ତୁଳନାରେ ୬.୯ ପ୍ରତିଶତ ବୃଦ୍ଧି ହୋଇଛି । ପ୍ରଶାସନିକ ଖର୍ଚ୍ଚ ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ବ୍ୟବସ୍ଥା ହୋଇଛି । ପଞ୍ଚାୟତିରାଜ ବିଭାଗ ପାଇଁ ୩୪ ହଜାର ୧୧୪.୧୪ କୋଟି ଏବଂ ୧୦୦ଟି ମଡେଲ ମଣ୍ଡି ପାଇଁ ବ୍ୟବସ୍ଥା ହୋଇଛି । ଆହୁରି ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି , ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି , ଜରୁଲଣ୍ଡାର ଗଣତିମଣତି ପାଇଁ ୫ କୋଟି ଟଙ୍କା ପ୍ରସ୍ତାବ ହୋଇଛି । ବଜେଟରେ ଠଇ-ଏ ଜଲଘ ଏ ପାଇଁ ୫୫୭୫ କୋଟି ଟଙ୍କା , ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି -୧୦୦ ସ୍ମାର୍ଟ ଫାର୍ମ ମାର୍କେଟ (ମଡେଲ୍ ମଣ୍ଡି) ପାଇଁ ୧୦୦ କୋଟି ,ବିଶ୍ୱର ବୃହତ ଶସ୍ୟ ଷ୍ଟୋରେଜ୍ ଯୋଜନା ପାଇଁ ୨୪୦ କୋଟି , ରେୟାର ଆର୍ଥ ଜଜିତର୍ ପାଇଁ ୧୦ କୋଟି ଟଙ୍କା ,ରାଜ୍ୟ ଇଓ ମିଶନ ପାଇଁ ୨୩ କୋଟି ଓ ଟୁରିଜିମ୍ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ବାବଦକୁ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ବଜେଟରେ ବନ୍ୟା ପରିଚାଳନା ପାଇଁ ୫୩୦ କୋଟି, -ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକଚର ପ୍ରୋଗ୍ରାମ ପାଇଁ ୧ ହଜାର କୋଟି, -ନବକୃଷ୍ଣ ଚୌଧୁରୀ ସେଚ ଜନ୍ନୟନ ଯୋଜନାରେ ୧୮୦ କୋଟି, -ମୁଖ୍ୟମନ୍ତ୍ରୀ ଆଦିବାସ ଯୋଜନା ପାଇଁ ୨୮୦ କୋଟି, -ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସଞ୍ଜୀବନୀ ପାଇଁ ୧୦୦ଟି, -୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ଜୋ -୨୦୨୯ ସୁଦ୍ଧା ୧୫ ହଜାର ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ଲକ୍ଷ୍ୟ, ବଜେଟରେ 'ଚିଲିକା ପୁନରୁଦ୍ଧାର' ଯୋଜନା ଘୋଷଣା -ଭୁ-ଆକୃତିଗତ ଅସୁବିଧା ଦୂର ପାଇଁ କାର୍ଯ୍ୟ କରିବ ଯୋଜନା, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି, -ମହାନଦୀ ଡତକର୍ଜୀ ସୁରକ୍ଷା ଓ ପର୍ଯ୍ୟଟନ ପାଇଁ ୮୦ କୋଟି, -ସୁରୁଣ୍ଡା ଓ କ୍ଷତିଗ୍ରସ୍ତ ଜଳସେଚନ ଭିତିଭୂମି ପାଇଁ ୧୦୦ କୋଟି, ଶ୍ରୀଜଗନ୍ନାଥ ସଂସ୍କୃତାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି, -ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି , -ଜରୁଲଣ୍ଡାର ଗଣତିମଣତି ପାଇଁ ୫ କୋଟି ଟଙ୍କା ପ୍ରସ୍ତାବ ହୋଇଛି ।

ଚୀନ-ପାକିସ୍ତାନକୁ ନୋ ଏଣ୍ଟ୍ରି :

ଆମେରିକା ସହ ପ୍ୟାକ୍ସ -ସିଲିକାରେ ସାମିଲ ଭାରତ

ନୂଆଦିଲ୍ଲୀ,୨୦/୨: ଭାରତ ପାଇଁ ଆଜି ଏକ ଐତିହାସିକ ଦିନ । ନୂଆଦିଲ୍ଲୀରେ ଚାଲିଥିଲା ଏଆଇ ଇମ୍ପାକ୍ଟ ସମିଟ ୫ମ ତଥା ଅନ୍ତିମ ଦିନରେ ଭାରତ ପାଇଁ ଏକ ଖୁସି ଖବର ଆସିଛି । ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ଏବଂ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି, ''ବିଶ୍ୱ ଭାରତକୁ ବିଶ୍ୱାସ କରେ । ଆମ ପାଖରେ ପ୍ରତିଭାର ଅଭାବ ନାହିଁ । ଆମେ ଅନୁସରଣ କରୁଥିବା ବୈଦେଶିକ ନୀତି ଜନସାଧାରଣଙ୍କ ପ୍ରତିଭାକୁ ପ୍ରେରଣା ଦିଏ । ଏହି ପ୍ୟାକ୍ସ ସିଲିକା ସେମି କଣ୍ଡକ୍ଟର, ଶୃଙ୍ଖଳା, ଉତ୍ପାଦନ ଏବଂ ଚିପ୍ ଡିଜାଇନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଥିରେ ସାମି ହେବା ଦ୍ୱାରା ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଡିଜାଇନ ସେମିକଣ୍ଡକ୍ଟର, ଏଆଇ ଏବଂ ଯୋଗାଣ ଶୃଙ୍ଖଳା ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇଛି ।ବୁଧିନାମା ଘୋଷଣା କରି ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ''ବିଶ୍ୱ ଭାରତକୁ ବିଶ୍ୱାସ କରେ । ଆମ ପାଖରେ ପ୍ରତିଭାର ଅଭାବ ନାହିଁ । ଆମେ ଅନୁସରଣ କରୁଥିବା ବୈଦେଶିକ ନୀତି ଜନସାଧାରଣଙ୍କ ପ୍ରତିଭାକୁ ପ୍ରେରଣା ଦିଏ । ଏହି ପ୍ୟାକ୍ସ ସିଲିକା ସେମି କଣ୍ଡକ୍ଟର, ଶୃଙ୍ଖଳା, ଉତ୍ପାଦନ ଏବଂ ଚିପ୍ ଡିଜାଇନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଥିରେ ସାମି ହେବା ଦ୍ୱାରା ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଶିଳ୍ପରେ ଆଗକୁ ବଢିବାରେ ସାହାଯ୍ୟ କରିବ । ୧୦ଟି ପ୍ଲାଙ୍ଟ ପ୍ରସ୍ତୁତ ଅଛି । ଖୁବଶୀଘ୍ର ଚିପ୍ ଉତ୍ପାଦ ଆରମ୍ଭ ହେବ ।'' ପ୍ୟାକ୍ସ-ସିଲିକା କଣ ? ଆମେରିକା ଡିସେମ୍ବର ୨୦୨୫ରେ ପାକ୍ସ ସିଲିକା ଲଞ୍ଚ କରିଥିଲା । ପାକ୍ସ ସିଲିକା ନାମର ଏକ ଅନନ୍ୟ ଅର୍ଥ ଅଛି । ପାକ୍ସ ଅର୍ଥ ଶାନ୍ତି ଏବଂ ସ୍ଥିରତା । ସିଲିକା ଆଧୁନିକ କମ୍ପ୍ୟୁଟର ଚିପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଂଚାମାଲ ସିଲିକନକୁ ବୁଝାଏ । ଏହି ମେଗଟ ପ୍ରଯୁକ୍ତିବିଦ୍ୟା ସ୍ଥିରତା ଏବଂ ଏକ ସୁରକ୍ଷିତ ଡିଜିଟାଲ୍ ଭବିଷ୍ୟତ ଆଡ଼କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଏହାର ଲକ୍ଷ୍ୟ ହେଉଛି ସେମିକଣ୍ଡକ୍ଟର, ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଯୋଗାଣ ଶୃଙ୍ଖଳକୁ ଅଧିକ ସୁରକ୍ଷିତ କରିବା । ଜୋଭିଡ-୧୯ ମହାମାରୀ ଏବଂ ଭୂରାଜନୈତିକ ଉତ୍ତେଜନା ପରେ, ବିଶ୍ୱ ଅନୁଭବ କଲା ଯେ ଚିପ୍ ଏବଂ ପ୍ରଯୁକ୍ତିବିଦ୍ୟା ଉପକରଣର ଯୋଗାଣ କିଛି ଗୁରୁତ୍ୱପୂର୍ଣ୍ଣ ଦେଶ ଉପରେ କ୍ରମାଗତ ଭାବରେ ନିର୍ଭରଶୀଳ ହେଉଛି । ଚୀନ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଏହାକୁ ଏକ ରଣନୀତିବୋଲି ବିବେଚନା କରାଯାଉଛି ।

ଆସନ୍ତା ୪୮ ଘଣ୍ଟାରେ ଲଘୁଚାପ କ୍ଷେତ୍ର !

ଭୁବନେଶ୍ୱର,୨୦/୨(ନି/ପ୍ର): ପୂର୍ବ ଭାରତ ମହାସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଏହା ଆସନ୍ତା ୨୪ଘଣ୍ଟାର ମଧ୍ୟରେ ଶ୍ରୀଲଙ୍କାରେ ପୂର୍ବରୁ ଗୋଟିଏ ଲଘୁଚାପ ପୂର୍ବକ ହେଉଥିବା ହେବାର ସମ୍ଭାବନା ରହିଛି । ସୃଷ୍ଟି ଲଘୁଚାପ ପ୍ରଭାବ ଓଡ଼ିଶା ଉପରେ ପଡ଼ି ନାହିଁ । ଆଗାମୀ ୨୪ଘଣ୍ଟାରେ ଗୋଟିଏ ଲଘୁଚାପ ପୂର୍ବକ ହେଉଥିବା ବେଳେ ଆଉ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି । ଭାରତ ମହାସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ପୂର୍ଣ୍ଣବିକଳ୍ପ ସୃଷ୍ଟି ହୋଇଛି । ଶୁକ୍ରବାର ଆଡକୁ ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ପରବର୍ତ୍ତୀ ୨୪ ଘଣ୍ଟାରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଆଗକୁ ବଢ଼ିବ । ସମ୍ଭାବ୍ୟ ଲଘୁଚାପର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ବିଜୁଳି ଘଡଘଡି ସହିତ ବର୍ଷା ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୩ ଓ ୨୪ ତାରିଖରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋରଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଯାଜପୁର, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଏବଂ ପୁରୀ ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡଘଡି ସହିତ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ରାତି ତାପମାତ୍ରା ବୃଦ୍ଧି ପାଇଛି । ଭୁବନେଶ୍ୱରରେ ପାରଦ ୧୬.୧ ଡିଗ୍ରୀ ଥିବାବେଳେ କଟକରେ ୧୫.୬, ରାଉରକେଲାରେ ୧୦.୭, ଫୁଲବାଣୀରେ ୧୦.୫ ଏବଂ କୋରାପୁଟରେ ୧୦.୬ଡିଗ୍ରୀ ରହିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨ରୁ୪ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି ।

ଚାଲୁନି ବିଧାନସଭା, ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

ଭୁବନେଶ୍ୱର,୨୦/୨(ନି/ପ୍ର): ଲଗାତାର ଚତୁର୍ଥ ଦିନ ହେବ ଚାଲିଯାଉଛି ବିଧାନସଭା । ଗୃହରେ ଚାଷୀ ସମସ୍ୟା ନେଇ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ପ୍ରବଳ ହଙ୍ଗାମା ଜାରି ରଖିଛନ୍ତି । ଆଜି ମାତ୍ର ୬ମିନିଟ ଗୃହ ଚାଲିବା ପରେ ଆଜି ପ୍ରଶ୍ନକାଳ ମୁଲତବୀ କରିଥିଲେ ବାଚସ୍ପତି ସୁରମା ପାଢୀ । ବିଜେଡି ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ଜଳାପତି ବାଣ୍ଟି ପ୍ରତିବାଦ କରିଛନ୍ତି । ୧୧ଟା ୩୦ପରେ ଗୃହ କାର୍ଯ୍ୟ ଆରମ୍ଭ ହେବାରୁ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହା ପରେ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ ବାଚସ୍ପତି । ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁନଃ ହଙ୍ଗାମା ହେବାରୁ ଗୃହକୁ ୪ଟା ଯାଏଁ ମୁଲତବୀ କରାଯାଇଛି । ବାରମ୍ବାର ଗୃହରେ ହଙ୍ଗାମା ଯୋଗୁ ଦେଖା ଦେଉଥିବା ଅବଜ୍ଞାବସ୍ଥା ସର୍ବଦଳୀୟ ବୈଠକ ଡାକିଛନ୍ତି ବାଚସ୍ପତି ସୁରମା ପାଢୀ । ବିଜେଡି କହିଛି ରାଜରାସ୍ତାରେ ଚାଷୀ, ସରକାର କେବଳ ଭାଷଣ ମାରୁଛନ୍ତି, ବିଧାଣ ଠପ୍ ହୋଇପଡିଛି । କଂଗ୍ରେସ କହିଛି ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରନ୍ତୁ । ଚାଷୀ ଅସୋଷ କରିଛନ୍ତି, ବିଧାନସଭାରେ କଣ ଆଲୋଚନା ହେବ । ସେପଟେ ବିଜେପି ବିଜ୍ଞପ୍ତିଚାଷୀଙ୍କ ସମସ୍ୟା ସମାଧାନ କରିବା ପାଇଁ ବିରୋଧୀଙ୍କ ଦୋଷିସି ଆବଶ୍ୟକତା ନାହିଁ । କେବଳ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରାଯାଉଛି ।ଧାନ ଦିଶାରେ ଅବ୍ୟବସ୍ଥାର ସମାଧାନ ପାଇଁ ଅଡ଼ି ବସିଛନ୍ତି ବିରୋଧୀ । ଚାଷୀଙ୍କ ସମସ୍ୟା ସମାଧାନ ନହେଲେ ଗୃହ ଚଳାଇବେବେ ନାହିଁ ବୋଲି ରୋଷ୍‌ଠୋକ୍ ଶୁଣାଇ ଦେଇଛନ୍ତି ।

ବିଜେଡିକୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ :

ଧାନକିଣାରେ ବିଶୃଙ୍ଖଳା କରନି, ଫଳ ଭୋଗିବ

ଭୁବନେଶ୍ୱର,୨୦/୨(ନି/ପ୍ର): ଚାଷୀଙ୍କୁ ଅବହେଳା, ମଣ୍ଡିରେ ଅବ୍ୟବସ୍ଥା, ଜଡ଼୍‌ନିଇନ୍‌ନି ପ୍ରତିବାଦ କରି ବିରୋଧୀ ବିଜେଡି ଓ କଂଗ୍ରେସ ବୁଧ ଦିନ ହେଲା ବିଧାନସଭାରେ ହଙ୍ଗାମା କରୁଛନ୍ତି । ସରକାରଙ୍କ ଅପାରଗତାକୁ ଦାୟୀ କରି ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି । ଏପରିକି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଭାଗ ନେଇ ନ ଥିଲେ । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରିବାବେଳେ ବିରୋଧୀ ଦଳର ବିଧାୟକମାନେ ଲୋରବାର ହଙ୍ଗାମା କରିଥିଲେ । ହେଲେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ଓ ବିଜେଡିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ଆଉ ରାଜ୍ୟରେ ଧାନକିଣାରେ ଯେଉଁ ଅବ୍ୟବସ୍ଥା ହେଉଛି ସେଥିପାଇଁ ବିଜେଡିର ୨୪ ବର୍ଷର ସରକାରକୁ ଦାୟୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ, ମୋତେ ଖବର ମିଳିଛି ଯେ ଏବେବି ଅନେକ ସ୍ଥାନରେ ୨୪ ବର୍ଷର ସରକାରଙ୍କ ଇକୋ-ସିଷ୍ଟମ୍ ସକ୍ରିୟ ଅଛି । ସେମାନେ ହିଁ ଧାନକିଣାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେମାନଙ୍କୁ କହିବି ଯେ ସୁଧୁରି ଯାଅ, ଅନ୍ୟଥା ଅନୁବାଦାଙ୍କୁ ହରଣାଣ କଲେ ଫଳ ଭୋଗିବ । ଏହାକୁ ପରାମର୍ଶ କିମ୍ବା ଚେତାବନୀ, ଯାହା ଚାହିବେ ତାହା ମନେ କରି ସତର୍କ ହୋଇଯାଆନ୍ତୁ । ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଆମ ସରକାର ଆକ୍ସନ୍ ମୋଡ୍‌ରେ ଅଛନ୍ତି । ଏହାସହ ସେ କହିଛନ୍ତି ଯେ ବିଜେଡି ସରକାରକୁ ଦାୟୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ, ମୋତେ ଖବର ମିଳିଛି ଯେ ଏବେବି ଅନେକ ସ୍ଥାନରେ ୨୪ ବର୍ଷର ସରକାରଙ୍କ ଇକୋ-ସିଷ୍ଟମ୍ ସକ୍ରିୟ ଅଛି । ସେମାନେ ହିଁ ଧାନକିଣାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେମାନଙ୍କୁ କହିବି ଯେ ସୁଧୁରି ଯାଅ, ଅନ୍ୟଥା ଅନୁବାଦାଙ୍କୁ ହରଣାଣ କଲେ ଫଳ ଭୋଗିବ । ଏହାକୁ ପରାମର୍ଶ କିମ୍ବା ଚେତାବନୀ, ଯାହା ଚାହିବେ ତାହା ମନେ କରି ସତର୍କ ହୋଇଯାଆନ୍ତୁ । ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଆମ ସରକାର ଆକ୍ସନ୍ ମୋଡ୍‌ରେ ଅଛନ୍ତି । ଏହାସହ ସେ କହିଛନ୍ତି ଯେ ବିଜେଡି ସରକାର ଧାନ କ୍ୱିଟାଲ୍ ୨୯୦୦ ଟଙ୍କା କରିବାକୁ ବାଦି କରୁଥିଲା, ଆମେ ତ ୩୧୦୦ ଟଙ୍କା ଦେଉଛୁ । ତୁମେ ୧୦୦ ଟଙ୍କା ବୋନସ୍ ଦେବ କହି ୫ ବର୍ଷରେ ଦେଇ ପାରିନଥିଲ, ଆମେ ୨୪ ମିନିଟରେ ୮୦୦ ଟଙ୍କା ଦେଲୁ । ମଣ୍ଡି ଅବ୍ୟବସ୍ଥା କଥା କହୁଛ, ୨୪ ବର୍ଷରେ କେତେଟା ମଡେଲ୍ ମଣ୍ଡି ତିଆରି କରିଛ ? ଧାନ ସଂରକ୍ଷଣ ପାଇଁ ଆବଶ୍ୟକ ଗୋଦାମ କଲନି ବୋଲି ଆଜି ସମସ୍ୟା ହେଉଛି ।

ଲାଞ୍ଜିଗଡ ବ୍ଲକ ଅଧକ୍ଷା ବିଜେପିରେ ସାମିଲ

ଭୁବନେଶ୍ୱର,୨୦/୨: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବ୍ଲକ ଅଧକ୍ଷା ଶ୍ରୀମତୀ କମଳା ପାତ୍ର ଗୁରୁବାର ଦିନ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀମତି ପାତ୍ରଙ୍କ ସମେତ ଲାଞ୍ଜିଗଡ ବ୍ଲୋକ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ମୁକ୍ତା ଭୋଇ, ଦେବଗାଁ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ଯଶବନ୍ତି ନାଏକ, ଦେବଗାଁ ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ତ୍ରିନାଥ ମାଝୀ, ବସନ୍ତପଡା ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ପୁଞ୍ଜରି ମାଝୀ, ଛତ୍ରପୁର ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ସନ୍ୟାସୀ ମାଝୀ, ଭଟାଙ୍ଗପଦର ଗ୍ରାମ ପଂଚାୟତର ପଂଚାୟତ ସମିତି

ଧାନକିଣାକୁ ନେଇ ରାଜନୀତି କରିବା ଉଚିତ ନୁହେଁ : ମନମୋହନ

ଭୁବନେଶ୍ୱର,୨୦/୨(ନି/ପ୍ର): ଧାନ ଅମଳରେ ଓଡ଼ିଶା ଗୋଟିଏ ସମୟରେ ୧୯ ନୟରରେ ଥିଲାବେଳେ ଆଜି ଦ୍ୱିତୀୟ ସ୍ଥାନରେ ରହିଛି । ୨୦୧୪ରେ ଧାନ କ୍ୱିଟାଲ ୧୩୧୦ ଟଙ୍କା ଥିବାବେଳେ ୨୦୨୪ରେ ବିଜେପି ସରକାର ଆସିବା ପରେ ଏହା ୩୧୦୦ ଟଙ୍କା ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିଲା ଏବଂ ସେତେବେଳେ ୧୩ ହଜାର କୋଟି ଟଙ୍କାର ଧାନ କିଣାଯାଇଥିଲା । ବିଜେପି ସରକାର ଆସିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଓ ରବି ଫସଲକୁ ମିଶାଇ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ୨୭ହଜାର କୋଟି ଟଙ୍କାର ପାଖାପାଖି ୯୨ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିଲା । ଏହାସହ ଚାଷୀଙ୍କ ଆୟ ଦୁଗୁଣା କରିବାକୁ ପିଏମ୍ କିଷାନଓ ସିଏମ୍ କିଷାନ ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ଏହା ହେଉଛି ଚାଷୀ ଭାଇଭଉଣୀଙ୍କ ପ୍ରତି ବିଜେପି ସରକାରର ପ୍ରତିବଦ୍ଧତା । ଏଭଳି ସ୍ଥିତିରେ ଧାନକିଣାକୁ ନେଇ ଲୋକଙ୍କ ମଧ୍ୟରେ ବ୍ୟଦ୍ଦ ସୃଷ୍ଟି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ଅପଚେଷ୍ଟା କରୁଛନ୍ତି । ଧାନକିଣାକୁ ନେଇ ରାଜନୀତି କରିବା ଉଚିତ ନୁହେଁ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି, ଆବଶ୍ୟକ ପଡ଼ିଲେ ଚତୁର୍ଥ ପର୍ଯ୍ୟାୟ ଚୋକନ୍ ପ୍ରଦାନ କରାଯିବ । ଯେପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଧାନ ରହିଛି, ସେପର୍ଯ୍ୟନ୍ତ ଧାନ କିଣା ଜାରିରହିବ । ଏହିସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଅଶୋକ ମିଶ୍ର, ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ପ୍ରିୟାଠା, କୃଷ୍ଣ ମୋହନ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ା ପ୍ରମୁଖ ଉପସ୍ଥିତ ଥିଲେ ।

ଇରାନ ଉପରେ ଆକ୍ରମଣ ପାଇଁ ୱାସିଂଟନକୁ ବାୟୁସେନା ଘାଟି ବ୍ୟବହାର କରିବାକୁ ଅନୁମତି ଦେଲାନାହିଁ ବ୍ରିଟେନ

ଲଣ୍ଡନ,୨୦/୨: ଇରାନକୁ ବିଭିନ୍ନ ଦିଗରୁ ଆକ୍ରମଣ କରିବା ଯୋଜନାରେ ଆମେରିକା ମଧ୍ୟପ୍ରାଚ୍ୟରେ ଏହାର ସାମରିକ ଶକ୍ତି ବୃଦ୍ଧି କରୁଥିବାବେଳେ ବ୍ରିଟେନର ଦକ୍ଷିଣ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଘସିପୁରା ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଘଟଗାଁ,୨୦/୨(ନି/ପ୍ର): ଦେଶର ଗରିବ, କୃଷକ, ଶ୍ରମିକ, ମହିଳା ଓ ଯୁବକ କଥା କେହି ଚିନ୍ତୁ ନାହାନ୍ତି । କେବଳ ପୂର୍ବ କଂଗ୍ରେସ ସରକାରଙ୍କ ଯୋଜନା ଗୁଡିକର ଏ ସରକାର ନାମ ପରିବର୍ତନ କରି ଚାଲିଛନ୍ତି । ଯୁବଗୋଷ୍ଠୀ ଦେଶରେ ସୁସ୍ଥ ସରକାର ଗଠନ କରିପାରିବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ବୁର୍ଗା ପଡ଼ିଆ ଠାରେ ଘସିପୁରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ଉପସଭାପତି ସୁବ୍ରତ କୁମାର ଚନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ନୂତନ ବ୍ଲକ କଂଗ୍ରେସ ସଭାପତି ତ୍ରିଲୋଚନ ପରିଡାଙ୍କ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା କର୍ମକର୍ତ୍ତା ଓ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର କେଳା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚତୁର୍ଭୁଜ ନାୟକ,ଜିଲ୍ଲା କଂଗ୍ରେସ ଉପସଭାପତି ତିତରଞ୍ଜନ ପାତ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କେନ୍ଦୁଝର ସଦର ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଲ୍ଲାପ କୁମାର କେଳା, ବରିଷ୍ଠ କଂଗ୍ରେସ ନେତା ମନୋଜ ସ୍ୱାଇଁ, ଲୁନା ଚନ୍ଦ୍ର, ନିରାକାର ସାହୁ,ବୃନ୍ଦାବନ କେଳା, ନିରାକାର ରାଉତ, ମାଧ ସାହୁ, ବିପିନ ମାଝୀ, ବୀପକ ମାଝୀ, ତିତରଞ୍ଜନ ପରିଡା, ସଞ୍ଜୟ ଚନ୍ଦ୍ର, କୁଳମଣି ବାରିକ, ରମାକାନ୍ତ ନାୟକ, କଂଜିତ ମାଝୀ,ଅଜୟ ଚନ୍ଦ୍ର, ଜୈକାଶ ବେହେରା, ଦେବବ୍ରତ ପଟ୍ଟନାୟକ,ସିରମଣି ସାହୁ,ବଳରାମ ବେହେରା, ସୋମନାଥ ଧୀର, କୃଷ୍ଣଚନ୍ଦ୍ର ନାୟକ, ବିଶ୍ଣୁ ବେହେରା,ପ୍ରମୁଖ ଉପସ୍ଥିତ ଥିଲେ ଜିଲ୍ଲା କଂଗ୍ରେସ ସୋସିଆଲ ମିଡ଼ିଆ ସଂଯୋଜକ ଚାରିଣୀ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଗ୍ଲୋକାଲ ବାଇପାସ ନିକଟରେ ଦୁର୍ଘଟଣା

ଜୟପୁର,୨୦/୨:ଜୟପୁର ଗ୍ଲୋକାଲ ହସପିଟାଲ ବାଇପାସ ରୋଡ ନିକଟରେ ଏକ ବାଇକ ଧକ୍କାରେ ଜଣେ ପଟଶା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛି । ପୁଲିସ ସୂତନା ଅନୁଯାୟୀ ଆଜି ଅପରାହ୍ନ ୪ଟା ସମୟରେ ବାଇପାସ ରୋଡ ନିକଟରେ ଜୟପୁର ଅଭିମୁଖେ ବୁଲଇଣ ଏକ ବାଇକରେ ଆସୁଥିବା ସମୟରେ ଏକ ଅଜଣାଗାଡି ଧକ୍କା ଦେବା ଫଳରେ ବାଇକ ଆରୋହି ପାଡ଼ୁପୁଟ୍ ଅଂଚଳର ଘାଷିରାମ ଗୋଲୋଗିଙ୍କ ପଟଶା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବାଇକରେ ଥିବା ଅନ୍ୟଜଣେ ସହଯୋଗୀଙ୍କ ପରିଚୟ ମିଳିପାରି ନାହିଁ ।

ଅଲ୍ ଓଡ଼ିଶା କଂଟ୍ରାକଚୁଆଲ ପାରାମେଡ଼ିକିସ ଆସୋସିଏସଅନ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦୁଝର,୨୦/୨(ନି/ପ୍ର): କଂଟ୍ରାକଚୁଆଲ ଭାବେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ, ନର୍ସିଂ ଅଫିସର, ଏବଂ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମାନେ ମିଳିତ ଭାବେ ଏକ ଦାବିପତ୍ର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଏହାର ଏକ ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ କଲ୍ୟାଣ ମନ୍ତ୍ରୀ, ନିର୍ଦ୍ଦେଶକ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କର ପ୍ରମୁଖ ଦାବି ଗୁଡିକ ହେଲା ସେମାନଙ୍କୁ ତତ୍ତ୍ୱାଳ ନିୟମିତ ସରକାରୀ କର୍ମଚାରୀ ଭାବେ ଗ୍ରହଣ କରିବା, ଚାକିରୀ ସୁରକ୍ଷା ଓ ପେନସନ ଭଳି ସୁବିଧା ପ୍ରଦାନ, ନିୟମିତ ପଦୋନ୍ନତିର ବ୍ୟବସ୍ଥା ପ୍ରଦାନ, ସମାନ କାମକୁ ସମାନ ଦରମା, ବାର୍ଷିକ ବେତନ ବୃଦ୍ଧି, ଇଫିଏପ ଓ ମହଙ୍ଗା ଭତା ପ୍ରଦାନ, ଘରଭଡା ପ୍ରଦାନ ପ୍ରଭୃତି ରହିଛି।ଏହି ଦାବି ଗୁଡିକ ଯଦି ଆଗାମୀ ୧୦ ଦିନ ମଧ୍ୟରେ ପୂରଣ କରା ନ ଯାଏ, ତାହେଲେ ବାଧ୍ୟ ହୋଇ ସରକାରଙ୍କୁ ଅସହଯୋଗ କରି ଆନ୍ଦୋଳନ କରିବୁ ବୋଲି ସଂଘର ସଭାପତି ଅମରେଶ ତ୍ରିପାଠୀ ଓ ସମ୍ପାଦକ ରାଜେଶ କୁମାର ବେହୁରା ଜଣାଇଛନ୍ତି ।

ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ ପକ୍ଷରୁ ସହାୟକ ଉପକରଣ ବଟଂନ ଶିବିର

ଅନୁଗୋଳ, ୨୦/୨(ନି/ପ୍ର): ଅନୁଗୋଳ ବ୍ଲକ୍ ଆନୁକୂଲ୍ୟରେ ଉତ୍ତଳେଇ ପଞ୍ଚାୟତ ଅଫିସ୍ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକମାନଙ୍କୁ 'ସହାୟକ ଉପକରଣ' ବଟଂନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ୭୯ ଜଣଙ୍କୁ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଇଖଗଓଇଡ) ସହଯୋଗରେ ଚିହ୍ନିତ କରାଯାଇ, ସହାୟତା ଉପକରଣ ପ୍ରଦାନ ହୋଇଛି । ଏହି ଶିବିରରେ ମାନ୍ୟବର ବେଜାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ , ଉତ୍ତଳେଇ ପଞ୍ଚାୟତର ସରପଂଚ ଶ୍ରୀମତୀ ମିନାକ୍ଷୀ ବେହେରା, ଜିଲ୍ଲା ପରିଷଦର ପୂର୍ବତନ ସଭ୍ୟ ଶ୍ରୀ ପ୍ରଶାନ୍ତ ପୁଷ୍ଟି, ଓଡ଼ିଶା ଜଳବିଦ୍ୟୁତ ନିଗମ ଲିମିଟେଡର ସାଧାରଣ ପ୍ରବନ୍ଧକ ଶ୍ରୀ ସୁବ୍ରତ କୁମାର ଷଡଙ୍ଗୀ, ଅବସରପ୍ରାପ୍ତ ଉପଗ୍ରୀ ଶ୍ରୀ ପ୍ରତୀପ କୁମାର ପ୍ରଧାନ, ଇଲେକ୍ଟ୍ରିକାଲ ଉପଗ୍ରୀ ଶ୍ରୀ ଘନଶ୍ୟାମ ଗିରି, ଐଜ ଶ୍ରୀ ଆଶିଷ କୁମାର ମହାପାତ୍ର, ପୂର୍ବତନ ସରପଂଚ ଶ୍ରୀ ପ୍ରମୋଦ ବେହେରା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିବିକ୍ରମ ବଳବେହେରା, ନୂଆମୌଳା ସରପଂଚ ଶ୍ରୀ ବିକାଶ ଚନ୍ଦ୍ର ପ୍ରଧାନପ୍ରମୁଖ ଉପସ୍ଥିତ ଥିଲେ ।

ଲୁଗା ବ୍ୟବସାୟୀଙ୍କ ଘରେ ଅଗ୍ନିକାଣ୍ଡ: ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ବଡ଼ବିଲ,୨୦/୨(ନି/ପ୍ର): ଗୁରୁବାର ଭୋର୍ ପ୍ରାୟ ୪ ଘଟିକା ସମୟରେ ବଡ଼ବିଲର ସବୁଠୁ ବଡ଼ ଲୁଗା ବ୍ୟବସାୟୀଙ୍କ ଘରେ ଓ ଗୋଦାମରେ ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବାବେଳେ, ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତି ଯାଇଛନ୍ତି ପରିବାରର ୯ ଜଣ ସଦସ୍ୟ। ଲୁଗା ବ୍ୟବସାୟୀ ହେଉଛନ୍ତି ବଡ଼ବିଲର ନାମୀଦାମୀ ଲୁଗା ଦୋକାନ ' ପରିବାର ଲୁଥ ଷ୍ଟୋର'ର ମାଲିକ ଗୋହଡାଶ ଅଗ୍ରୱାଲ। ମିଳିଥିବା ସୂତନା ଅନୁଯାୟୀ, ଆଜି ଭୋର୍ ପ୍ରାୟ ୪ ଘଟିକରେ ବ୍ୟବସାୟୀଙ୍କ ନିଜ ବାସଭବନ(ବଡ଼ବିଲ ପୌରାଚାଂଜ, ୬ ନମ୍ବର୍ ୱାର୍ଡ, ମୋନୀ ଚାଉରାର ସମ୍ମୁଖ)ରୁ ପ୍ରବଳ ଧୂଆଁ ବାହାରୁଥିବା ଜଣେ ପଥଚାରୀ ଦେଖିବାକୁ ପାଇଥିଲା । ସେ ସଙ୍ଗେ ସଙ୍ଗେ ବ୍ୟବସାୟୀଙ୍କ ଘର କବାଟ ବାଡେଇ ପରିବାର ଲୋକଙ୍କୁ ନିଆଁ ଲାଗିବା ନେଇ ଖବର ଦେବାପରେ, ସଙ୍ଗେ ସଙ୍ଗେ ଦ୍ୱିତୀୟ ମହଲରେ ରହୁଥିବା ପରିବାରର ଜଣେ ୩ ବର୍ଷର ଝିଅ, ଜଣେ ଦେଢ଼ ବର୍ଷର ଝିଅ ସହିତ ପରିବାରର ସମୁଦାୟ ୯ ଜଣ ପ୍ରାଣ ବିଜଳରେ ସୁରକ୍ଷିତ ରାସ୍ତା ଦେଇ ପଦାକୁ ବାହାରି ଆସିଥିଲେ । ସଙ୍ଗେ ସଙ୍ଗେ ବଡ଼ବିଲ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ନିଆଁ ଜଳ ମହଲା ଓ ପ୍ରଥମ ମହଲାରେ ବ୍ୟାପି ଯାଇଥିଲା । ଅଗ୍ନିଶମ ବିଭାଗର ଗୋଟିଏ ଦମକଳ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇନଥିବାବେଳେ, ନିଜସ୍ୱ ବିଜଳସପରା ଅଗ୍ନିଶମ ବିଭାଗ ଓ ଗରୋଇ ଜିନ୍ଦଲ କମ୍ପାନୀର ସମୁଦାୟ ୪ ଗୋଟି ଦମକଳ ଗାଡ଼ି ଅକ୍ଳାନ୍ତ ପରିଶ୍ରମ କରି ଦୀର୍ଘ ୪ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିପାରିଲେ। ଖବର ଲେଖାହେବା ଯାଏ କ୍ଷୟକ୍ଷତିର ସଠିକ ଆକଳନ କରାଯାଇନଥିଲେହେଁ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି । ତେବେ ଠିକ୍ ସମୟରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ କରିଥିଲେ ନିକଟରେ ଥିବା ଅନ୍ୟ ଘର ସହ ମୋନୀ ଚାଉରାରେ ନିଆଁ ବ୍ୟାପିବାର ଆଶଙ୍କା ଥିଲା । ତେବେ ଖରା ଦିନ ଯୋଗୁ ବାହାର ନିଆଁ ପବନରେ ଉଡ଼ି ଆସି ବିପ୍ଳା କେହି ତୁରୁର୍ତ ଜାଣିଶୁଣି ବ୍ୟବସାୟୀଙ୍କ ଚଳ ମହଲରେ ଥିବା ତୁଳା ଓ ଗଦି ସାମଗ୍ରୀରେ ନିଆଁ ଲଗାଇ ଦେଇଥିବା ଆଶଂକା କରାଯାଉଛି । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ଓ ପୁଲିସ ପହଂଚି ଅଗ୍ନିକାଣ୍ଡର ତଦନ୍ତ କରୁଥିବା ଜଣାଯାଇଛି ।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ଜୟପୁର,୨୦/୨(ନି/ପ୍ର): କୋରାପୁଟ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭାପତି ସବିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା । କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରିବା ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମେଳା ଆୟୋଜନ କରାଯାଇଛି । ଏହି ମେଳାରେ ଚାଷୀ ମାନେ ଯୋଜନା ଏବଂ ସବସିଡି ସମ୍ପର୍କରେ ସୂତନା ପାଇବେ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କୋରାପୁଟ ଜିଲ୍ଲାରେ ୩୭୫ ଜଣ ଚାଷୀ ପକ୍ଷଭୁକ୍ତ ହୋଇଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କହିଛନ୍ତି। ଏଥି ମଧ୍ୟରୁ ୧୬୧ ଜଣ ଚାଷୀ ବୁଝିଟି ଲେଖାଁଏ ଗାଈ ପାଇ ସାରିଛନ୍ତି। କୋରାପୁଟ ଜିଲ୍ଲାକୁ ବର୍ତ୍ତମାନ ୩୨୦ ଟି ଗାଈ ଆସି ଯାଇଥିବା ସେ କହିଛନ୍ତି।ପଡୋଶୀ ରାଜ୍ୟରୁ ମାଛ ଆମଦାନୀ କମ କରିବା ଏବଂ ନିଜସ୍ୱ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।ଆଗାମୀ ଭବିଷ୍ୟତରେ ଏହାର ସୁଫଳ ମିଳିବ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ କହିଛନ୍ତି ।ନୂତନ ପୋଖରୀ ନିର୍ମାଣ କରି ମାଛ ଚାଷ କରିବା ସହ ପୁରୁଣା ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ।କୋରାପୁଟ ଜିଲ୍ଲାରେ ୩୦୦ ହେକ୍ଟରରେ ନୂଆ ପୋଖରୀ ଏବଂ ୩୦ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଇଛି । ଏହି ଅବସରରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ଚାଷୀ ମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା । ପି ସବ୍ଜୀଷ୍ଠୀ ଆଚାରୀ ଓ ସୁଭାଷ ଆଚାରୀ ଯୋଗଦେଇ ମଂଚ ପରିଚାଳନା କରିଥିଲେ । କୋରାପୁଟ, କୋପଘାଡ, ବୋଡ଼ିଗୁମ୍ଭା, ଲୁଂଡ଼ା, ବିପୋରିଗୁଡା, ଲକ୍ଷ୍ମୀପୁର ଏବଂ ପଟାଙ୍ଗୀ ବ୍ଲକର ଚାଷୀ ମାନେ ଉପସ୍ଥିତ ଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି ଓ ଡାକ୍ତର ପରୀକ୍ଷିତ କୁଣ୍ଡୁ, କୋରାପୁଟ ଏସବିଡିଓ ଡାକ୍ତର ସୁଦର୍ଶନ ସାହୁ, ଜୟପୁର ଏସଡିଭିଓ ଡାକ୍ତର ବିଶ୍ୱଜିତ ରାୟ, ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର କେଳା ଯୋଗଦେଇ ପରିଚାଳନା କରିଥିଲେ ।

ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧିନ ଡ୍ରେନ କାମ ଅଧାପନ୍ତରିଆ

କେନ୍ଦୁଝର,୨୦/୨(ନି/ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଫଂଚାୟତର ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧିନ ଡ୍ରେନ କାମ ଅଧାପନ୍ତରିଆ ଭାବେ ପଡ଼ିରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖୁଥିବା ଦେଖିବାକୁ ମିଳିଛି । ସୂତନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଫଂଚାୟତର ନିଶାଗଡ଼ିଆ ଗ୍ରାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ଗ୍ରାମ୍ୟ ରାସ୍ତା ଉତରେ ମୁକ୍ତା ମୁଣ୍ଡାଙ୍କ ଘର ଠାରୁ ଟଙ୍କ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ସିମେ[କଂକ୍ରିଟ ଡ୍ରେନ ନିର୍ମାଣ ନିମନ୍ତେ ଅତଳନ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ଫଂଚାୟତ ସମିତି ନାମରେ ଥିବାବେଳେ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅଧା ଢ଼କେଇ କାମ ହୋଇଥିବା ବେଳେ ଅଧା ଖାଲ ଭିତରୁ ଉଡ଼ ବାହାରକୁ ବାହାରି ରହିଛି । ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂତନା ଫଳକରେ କାର୍ଯ୍ୟରମ୍ଭ ସମ୍ପର୍କିତ ତାରିଖ ନ ଲେଖି ବିଭାଗ ପକ୍ଷରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି । ଏହି ଡ୍ରେନର ଢ଼କେଇ କାମ ଦେଖିବାକୁ କୌଣସି ଅଧିକାରୀ ଆସି ନ ଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିବା ସହିତ କାର୍ଯ୍ୟର ସମ୍ପୂର୍ଣ୍ଣତାକୁ ନେଇ ସନ୍ଦେହ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତାସହିତ ଲୋକଙ୍କ ସୁବିଧା ନିମନ୍ତେ ନିର୍ମାଣ କରା ଯାଉଥିବା ଏହି ଡ୍ରେନ କାର୍ଯ୍ୟ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡି ରହିବାରୁ ନିକଟରେ ଥିବା ଘରର ଲୋକମାନେ ଯିବା ଆସିବାରେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତି ଅନ୍ଧାରରେ ଯିବା ଆସିବା କରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଫଳରେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏପମ୍ପର୍କରେ ପଡୁଆ ଫଂଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲା କିନ୍ତୁ ଫୋନ ଉଠାଇ ନ ଥିବାରୁ କୌଣସି ସୂତନା ମିଳି ପାରି ନାହିଁ । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଦାବୀ ହେଉଛି ।

ପୁରୀ ଜିଲ୍ଲାର ସମସ୍ୟାକୁ ନେଇ ଆନ୍ଦୋଳନ ଓ ବିକ୍ଷୋଭ କରିବ ଯୁବ କଂଗ୍ରେସ

ପୁରୀ,୨୦/୨(ନି/ପ୍ର):ପୁରୀ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଜିଆଇପି ରୋଡ ସ୍ଥିତ ବେନସନ ହୋଟେଲ ଠାରେ ମଙ୍କଢକାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ଯୁବ କଂଗ୍ରେସ ସରକାରଙ୍କ ବିରୋଧରେ କୋରଦାର ଲଢେଇ, ବିକ୍ଷୋଭ, ଆନ୍ଦୋଳନ ସହ ବନ୍ଦ ଡାକରା ଦେବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ଅବସରରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ନିର୍ବାଚନରେ ଭୋଟ୍ ଚୋରି ସମ୍ପର୍କରେ ଗୁରୁତର ଅଭିଯୋଗ ଅଭିଯୋଗ କରିଥିଲେ । ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଆସି ଭୋଟର କାର୍ଡ କରି ଭୋଟ ଦେବା ପାଇଁ ସମର୍ଥ ହୋଇଛନ୍ତି । ଆନ୍ଧ୍ରପ୍ରଦେଶ, କଳିଙ୍ଗଦା, ଝାଡଖଣ୍ଡ, ଛତିଶଗଡ଼ରୁ ଭୋଟର ଆସି ପୁରୀରେ ଭୋଟ ଦେଇଥିବା ଅଭିଯୋଗ ହୋଇଛି । ପୁରୀରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସୁଛନ୍ତି । ତୀର୍ଥଯାତ୍ରୀଙ୍କ ପାଇଁ ଦାନ ସୂତ୍ରରେ ନିର୍ମାଣ ହୋଇଥିବା ପିଜିଶ୍ରୀମ ହସପିଟାଲ ଏବେ ଜି

ବିବିଧା

ରାଶି ଫଳ

ମେଷ: ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନିକାଶାତ୍ମକ ଚିନ୍ତା ଦୂର ହେବ।

ବୃଷ: ପାଣ୍ଡିତ୍ୟ ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିଜେଶଙ୍କୁ ସୁସ୍ଥରଖ। ଛୋଟିଖିଆ ଖୁଚୁରା ଖର୍ଚ୍ଚ ମିଳିବ। ଛାତ୍ରଛାତ୍ରୀ ମନଦେଇକରି କାର୍ଯ୍ୟରେ ସମୟ ଅତିବାହିତ କରିବେ।

ମିଥୁନ: ଯାତ୍ରାଦାନ କରିଥିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢିବ। ମନ ପ୍ରଫୁଲ୍ଲ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

କର୍କଟ: ଅତିମୂଲ୍ୟ କାର୍ଯ୍ୟଭାର ବଢିବ। ଛୋଟିଖିଆ କାର୍ଯ୍ୟରେ ସମୟ ଦେଖା ହେବ। ଅଯଥା ଖର୍ଚ୍ଚ କୃଷି ପାଇଁ। ବିଦ୍ୟାରେ ସଫଳତା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ସିଂହ: ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ସୁଖ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କିଂ ଜୀବନ ସୁଖମୟ ହେବ।

କନ୍ୟା: କାର୍ଯ୍ୟରେ ନେଇ ଛୋଟିଖିଆ ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅର୍ଥନିତିକ କାର୍ଯ୍ୟରେ ଯୁଝା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ବିଦେଶି ମିତ୍ରଙ୍କ ପ୍ରଦାନ କରିବେ। ଆର୍ଥିକ ସ୍ଥିତି ମଜବୁତ ହେବ। ବିଦ୍ୟାର ପ୍ରସ୍ତାବ ଆସିବ। ଗାଡ଼ିଘୋଡ଼ିରେ ସତର୍କତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟରର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଜିଠୁ ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅତିମୂଲ୍ୟ କରିଷ୍ଟ ଅତିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଯୋଗାଦ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ଜଳରେ ମଧ୍ୟରତା ଗଣ୍ଡା କରିବେ। ବ୍ୟାଙ୍କିଂ ଜୀବନରେ ଚିନ୍ତାର ଦେଖା ହେବ।

ମକର: ଦିନଟିରେ କର୍ମବ୍ୟସ୍ତ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରିବେ। ପରିବାରୀଙ୍କ ସହ ମାଧ୍ୟାହ୍ନରେ ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟସମ୍ବନ୍ଧ ଦୂରେ ଦୂରସ୍ଥାନକୁ ଯାତ୍ରା କରିବେ। ନିଜେଶଙ୍କୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମ୍ପର୍କ ସମ୍ପାଦନ ହେବ। ଯାତ୍ରାବାହନ କ୍ରୟର ଯୋଗ ଅଛି।

ମୀନ: ସ୍ୱାସ୍ଥ୍ୟରେ ଭଲଛି ପରିଲକ୍ଷିତ ହେବ। ଆକସ୍ମିକ୍ଭାବେ କୃଷି ପାଇବ। ପଢ଼ା ପାଇଁ ଅର୍ଥ ନିଶ୍ଚେଷ କରିବେ। ଦୂରସ୍ଥାନକୁ ଯୁବାତ୍ରା କରିବେ। ଆୟ ଭଲରୁ ନିମ୍ନରୁ ରହିବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

ଆଜିର ଇତିହାସ

- ୧୮୩୪- କଲିକତା ମେଡିକାଲ କଲେଜକୁ ସର୍ବସାଧାରଣଙ୍କ ପାଇଁ ଖୋଲି ଦିଆଯାଇଲା।
- ୧୮୪୬- ଇଂରେଜମାନେ ଲାହୋର ଉପରେ କବ୍‌ଜା କଲେ।
- ୧୯୪୭- ଜର୍ଜ ମାଲଣ୍ଟ୍ରକ୍ସ୍‌ଟେନ୍‌କୁ ଭାରତର ଶେଷ ଭାଇସ୍‌ରୟ କରାଯଲା।
- ୧୯୮୨- ମିଜୋରାମ ଭାରତର ୨୩ତମ ରାଜ୍ୟ ହେଲା।
- ୨୦୦୯- ଇରାନ୍‌ରେ ବିମାନ ଦୁର୍ଘଟଣାରେ ୩୬ଜଣ ଲୋକଙ୍କ ମୃତ୍ୟୁ।

'ତୁମ୍ବାଡ ୨'

ଅକ୍ଷୟ ନା ନୱାଜୁଦ୍ଦିନ୍

ସୋହମ୍ ଶାହଙ୍କ ମିନ୍ଦ 'ତୁମ୍ବାଡ'ର ସିକ୍ୱେଲକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଜାରି ରହିଛି। ଏହି ହରର ସସ୍ପେନ୍ସ ଥ୍ରିଲ୍ଲରରେ ଅକ୍ଷୟ କୁମାର ପାଇଁ ଅଥବା ନୱାଜୁଦ୍ଦିନ୍ ସିଦ୍ଦିକ୍ କ୍ଷମତା ଜଣଙ୍କୁ ନେବା ପାଇଁ ସୋହମ୍ ଏବେ ବେଣ୍ଟ୍ ଲୋଗ ସୋରରେ ପ୍ରୟାସ କରାଯାଉଛନ୍ତି। ତେବେ ଏହି ଦୁଇ କଳାକାରଙ୍କ ମଧ୍ୟରୁ ଯେ କେହି ହେଉଛି ଏହାର ନାୟକ ହେବାର ସମ୍ଭାବନା ଦୂରେଇ।

ବର୍ତ୍ତମାନ୍ ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ହେଉଛି ଅକ୍ଷୟ କୁମାର। ସେ ଏହି ଫିଲ୍ମର ପ୍ରଥମ ଭାଗ ରେ ଲେଡ୍ ରୋଲ୍ ଥିଲେ। ଏହା ଛଡ଼ା ନୱାଜୁଦ୍ଦିନ୍ ସିଦ୍ଦିକ୍ ମଧ୍ୟ ଏହି ଫିଲ୍ମର ଅଂଶ ହୋଇଛନ୍ତି। ସୋହମ୍ ଏହିଦିନ ଅଭିନୟ କରିବେ ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ତୁମ୍ବାଡ'ର କାହାଣୀ ରାଜସ୍ଥାନ ଗ୍ରାମ୍ୟ ଅଞ୍ଚଳରେ ଆଧାରିତ। ଏହା ଦେବତା, ଲୁଚା ଏବଂ ମାନବ ଲୋଭର ଜାଗାଣାକୁ ବର୍ଣ୍ଣନା କରେ।

ବିଶ୍ୱ ସାମାଜିକ ନ୍ୟାୟ ଦିବସ

ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ ଦ୍ୱାରା ୨୦୦୭ରେ ପ୍ରତିବର୍ଷ ଫେବୃଆରୀ ୨୦ ତାରିଖକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ୨୬ଟି ରାଜ୍ୟରେ, ୨୦୦୬ରେ ଏହିଦିନଠାରୁ ଆମର ପ୍ରଚାର ଜାତିସଂଘରେ ମଞ୍ଜୁରି ଲାଭ କରିଥିଲା। ଏକଲେଭେଲ ଅଣୁମ୍ୟ ସମାଜ ଗଢ଼ିବା ଏହି ଦିବସର ପ୍ରାଥମିକ ମୁଖ୍ୟ ଲକ୍ଷ୍ୟ ରଖାଯାଏ। ସମାଜର ବିଭିନ୍ନସ୍ତରରେ ବହୁ ଅସମାନତା ଓ ଭେଦଭାବ ରହିଛି। ତାହାକୁ ଦୂର କରି ସମ୍ପତ୍ତିର ସମାନ ବଣ୍ଟନ ସୁନିଶ୍ଚିତ ଯୋଗାଇ ଦେବା ଉପଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ବିଶ୍ୱସ୍ତ ବାଣ୍ଟିଚୁଟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ଭଳି ସାମାଜିକ ସୁରକ୍ଷା ଜନିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷର ମଣିଷ ଭିତରେ ଏପରି ଭେଦ ଦେଖା ମଧ୍ୟରେ ଶାନ୍ତି, ସହଯୋଗ ଓ ବିକାଶ ଅଧିକାରରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ସମ୍ପତ୍ତି, ଜାତି, ଧର୍ମ, ରାଷ୍ଟ୍ରସଂଘ ଓ ସଂସ୍କୃତି ଯୋଡ଼ରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମ ମଧ୍ୟରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଜାତି-ଧର୍ମ-ବର୍ଣ୍ଣ କିମ୍ବା ଲିଙ୍ଗଭେଦରେ ସାମାଜିକ ନ୍ୟାୟ ପ୍ରତ୍ୟେକ ମଣିଷର ଅଧିକାର।

ବୈଶ୍ୱିକସ୍ତରୀ ଗଣ୍ଡି ନିଜର ନାଗରିକତ୍ୱ-ଏଥିରୁ ଜଣିତ ହଜିବା ଅନୁଚିତ। ମୁଖ୍ୟଙ୍କ ସମ୍ବନ୍ଧୁ ଅଞ୍ଚଳରେ ଏହି ଅଧିକାର ରକ୍ଷାଙ୍କ ଲାଗି ଅଧିକାର ଦେଖାଯାଉଛି। ଗ୍ରେଣ୍ଟ୍ ଏ ସାବବରେ ଜନସଚେତନତା ସୃଷ୍ଟି କରିବା ମଧ୍ୟ ଏହି ଦିବସ ପାଳନର ଲକ୍ଷ୍ୟ। ସାମାଜିକ ନ୍ୟାୟ ଏକ ଜିବାଣ, ଏକ ମୂଲ୍ୟବୋଧ। ସମସ୍ତ ମଣିଷଙ୍କୁ ଏ ଧାରଣା ଭାବେ ଦେଖିବା, ଜାତି ଧାର୍ମାଳିକ-ଧାର୍ମିକ-ସାଂସ୍କୃତିକ ଆଧାରରେ ଭେଦଭାବ ନ କରିବା ମୂଳାଧାରରେ ଗଢ଼ରେ ଏହି ଦିବସର ଅଧ୍ୟାରିତ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ସାମାଜିକ ଅନ୍ୟାୟ ବିରୋଧରେ ସୁର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଲେଖଲାଭ, ନିରକ୍ଷରତା। ଧାର୍ମିକ ଲେଖଲାଭକୁ ଦୂର କରିବା ପାଇଁ ବିଶ୍ୱର ଶ୍ରମିକମାନ ଅନ୍ତର୍ଜାତୀୟ ସ୍ତରରେ ଏକତ୍ର କରିବା। ଏହି ଦିନରେ ସରକାରୀ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସାମାଜିକ ସାମାଜିକ ଚେତନା ଦିଆଯାଏ।

ହାତ ଇସାରାରେ ଅଟକେ ଟ୍ରେନ୍

ରେଳ ସିଗ୍ନାଲ ହେଉଛି ଟ୍ରେନ୍ ଚାଳକଙ୍କୁ ନିର୍ଦ୍ଦେଶ କରୁଥିବା ଏକ ପ୍ରଣାଳୀ। ଏହା ମାଧ୍ୟମରେ ଲୋକୋ ପାଇଲଟଙ୍କୁ ଦୃଶ୍ୟ ସ୍ଥିତି ଓ ଜରି ଓଜାର୍ଣ୍ଣରେ ସୂଚନା ମିଳିଥାଏ। ଏହା ଟ୍ରେନ୍ ଦୁର୍ଘଟଣା ରୋକିବାରେ ମୁଖ୍ୟ ଭୂମିକା ପ୍ରଦାନ କରେ। ରେଳେ ଭାରତରେ ଏପରି ଏକ ଟ୍ରେନ୍ ଅଛି ଯାହା ଲୋକଙ୍କ ହାତର ଇସାରାରେ ଚାଲିଥାଏ। ଭାରତ ସରକାରଙ୍କ ଦୃଢ଼ସଙ୍କଳ୍ପ ଅଞ୍ଚଳରେ ଏହି ଟ୍ରେନ୍‌ଟି ଚାଲିଥାଏ। ଜାଲୋର ଜିଲାର ଆଟ ଜଙ୍କସନ ଏବଂ ଭୋଜ ମଧ୍ୟରେ ଏହା ଚାଲିଥାଏ। ୧୯୦୨ ମସିହାରେ ବ୍ରିଟିଶ ଶାସନ ସମୟରେ ଏହି ଟ୍ରେନ୍ ଚାଲ ସେବା ଆରମ୍ଭ କରିଥିଲା। ଏହି ଟ୍ରେନ୍‌ର ଜଣେ ଲୁହୁବହୁପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ଯାତ୍ରୀମାନଙ୍କୁ ଏହାକୁ ଚଢ଼ାଇବା ପାଇଁ ଲୋକୋମାନ ଜରିକ ଦେଖାଇ ଦିଅନ୍ତି। ଏହା ଦ୍ୱାରା ଟ୍ରେନ୍ ଚାଲିବା ପାଇଁ ଲୋକୋ ପାଇଲଟ

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୧ ଫେବୃଆରୀ ୨୦୨୬

ଶିକ୍ଷାରେ ପ୍ରାଥମିକତା

ଶିଶୁ ଶ୍ରେଣୀରୁ ପିଲାର ପାଠ ପଢିବା ଆରମ୍ଭ ହୁଏ । ପ୍ରାଥମିକ ଶିକ୍ଷା ହେଉଛି ଶିଶୁର ମୂଳଦୁଆ ଓ ପ୍ରାଥମିକ ଶିକ୍ଷାରୁ ଶିଶୁର ପାଠ ପଢ଼ିବାର ଆଗ୍ରହ ସୃଷ୍ଟି ହୁଏ,ଶିକ୍ଷକମାନେ ତା'ର ଭୁଲ,ଭଟକାର ସୁଧାର କରିଥାନ୍ତି,ଛଟୋର ଆଭିମୁଖ୍ୟ ଗ୍ରହଣ କରିଥାନ୍ତି ଓ ଭବିଷ୍ୟତରେ ମାଧ୍ୟମିକ, ମହାବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ସରକାର ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ସ୍ତରୀୟ ଶିକ୍ଷାରୁ ପ୍ରାଥମିକତା ଦେବା ନିତାନ୍ତ କରୁରୀ ।ଅଧିକରୁ ଅଧିକ ସଂଖ୍ୟାରେ ପିଲା କିପରି ପ୍ରାଥମିକ ଶିକ୍ଷାର ସୁଯୋଗ ପାଇବେ,କେମିତି ସହଜ ଓ ସରଳ ପ୍ରକ୍ରିୟାରେ ସେମାନେ ନାମ ଲେଖାଇ ପାରିବେ, ନିୟମିତ ସ୍କୁଲକୁ ଆସିବେ ଏସବୁ ଦାୟିତ୍ୱ ବହନ କରନ୍ତି ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶୈକ୍ଷିକ କାର୍ଯ୍ୟ ସମ୍ପାଦିତ ହୋଇଥାଏ ଓ ପିଲାମାନେ ଶୃଙ୍ଖଳିତ ହୋଇଥାନ୍ତି, ସେମାନଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଶିକ୍ଷକ ମାନଙ୍କର ଧ୍ୟାନ ରହିଥାଏ ଓ କିଛୁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାରୁ ଯେଉଁଟି ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉ ନାହିଁ ଓ ମଧ୍ୟମିକ ଓ ଉଚ୍ଚ୍ଚ ଶିକ୍ଷାରୁ ବିଶେଷ ଗୁରୁତ୍ୱ ଦିଆଯାଉଛି । କେବଳ ଆମ ରାଜ୍ୟରେ ନୁହେଁ,ସମଗ୍ର ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରାଥମିକ ଶିକ୍ଷା ଅବହେଳିତ ଓ ବିପର୍ଯ୍ୟସ୍ତ ଓ ଆମ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି । ମଡେଲ ସ୍କୁଲରୁ ଆରମ୍ଭ କରି ଶିକ୍ଷକ ନିଯୁକ୍ତି ଯାଏ ପ୍ରାଧାନ୍ୟ ଦିଆଯାଉଛି । ହେଲେ ରାଜ୍ୟର ୮୦ ପ୍ରତିଶତ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ଚାଲିଛି ସ୍କୁଲ ଓ ଏପରି ଏହି ଗୁରୁ ଦାୟିତ୍ୱ ବହନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଶିକ୍ଷକ ଓ ବାଧ୍ୟ ବାଧକତାରେ ଦାୟିତ୍ୱ ନେଉଛନ୍ତି ହେଲେ ସେହି ଶିକ୍ଷକମାନେ ପାଠ ପଢ଼ାଇବେ ନା ସରକାରୀ କାର୍ଯ୍ୟକ୍ରମରୁ ଦେଖିବେ,ସେ ନେଇ ସଂଶୟରେ ରହୁଛନ୍ତି । ରାଜ୍ୟରେ ୪୫ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ରହିଛି । ଏଥିରେ ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଓ ମାଧ୍ୟମିକ ମଧ୍ୟ ଅନ୍ତର୍ଭୁକ୍ତ ଓ ସବୁଠୁ ଆଶ୍ଚର୍ଯ୍ୟର କଥା ଯେଉଁଠି ହାଇସ୍କୁଲ ରହିଛି ସେଠାରେ ଅଧିକାଂଶ ସ୍କୁଲରେ ସେଠାରେ ଅଧିକାଂଶ ସ୍କୁଲରେ ସ୍ୱତନ୍ତ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି । ଓଡିଶା ଶିକ୍ଷା ସେବା (ଓଇସସ) ରାଜ୍ୟ ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି । ଯେଉଁଠି ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଓ ହାଇସ୍କୁଲ ମିଶି ରହିଛି ସେଠାରେ ଜଣେ ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲର ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି । ପ୍ରାଥମିକ ସ୍କୁଲର ଦୁରବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି ଓ ସରକାରୀ ତଥ୍ୟ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୬୭୮ ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଥିବାବେଳେ,ଉଚ୍ଚ୍ଚ ପ୍ରଥମିକରେ ୧୨,୨୨୫ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ମୋଟ ୧୮ ହଜାର ୨୦୯ଟି ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି । କହିବାକୁ ଗଲେ ପ୍ରାୟ ୮୦ରୁ୮୫ ପ୍ରତିଶତ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେଉଁଥିପାଇଁ ସରକାର ବୃତିତ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ଓ ପ୍ରାଥମିକ ସ୍କୁଲରେ ସିଧାସଳଖ ନିଯୁକ୍ତି ନେଇ କୌଣସି ସରକାରୀ ପ୍ରାଦ୍ୟାନ ନାହିଁ । ସରକାର ଏହି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ଓ ସମସ୍ତ ପ୍ରାଥମିକ ସ୍କୁଲରେ ସିଧାସଳଖ ପ୍ରଧାନ ଶିକ୍ଷକ ନିଯୁକ୍ତି ପ୍ରାଦ୍ୟାନ ନେଇ ସରକାର ତୁରନ୍ତ ବିଚାର କରନ୍ତୁ ଏବଂ ସେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନର ସୁବନ୍ଦୋବସ୍ତ କରାଯାଉ । ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା ପାଇଁ ଚଣା ଓତରା,ଅନିଚ୍ଛା ପ୍ରକାଶ ଅନେକ କ୍ଷେତ୍ରରେ ବିଡ଼ିନ୍ତ ପରିସ୍ଥିତି ସୃଷ୍ଟି କରୁଥିବା ଦୃଷ୍ଟିରୁ ଏପରି ପରିସ୍ଥିତିର କିପରି ନିର୍ଣ୍ଣୟର ସମାଧାନ ହୋଇପାରିବ,ସେଇ ଦିଗ ଗୁଡିକ ଉପରେ ସମୟବନଶୀଳତାର ସହିତ ବିଚାର ବିମର୍ଶ କରି ନିଷ୍ପତ୍ତି ଗ୍ରହଣ କରାଯିବା ନିହାତି ଆବଶ୍ୟକ ଓ ଅନେକ କ୍ଷେତ୍ରରେ ଦେଖାଯାଉଛି ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଅମଙ୍ଗ ଶିକ୍ଷକଙ୍କୁ ବୁଝ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବୁଝାସୁଝା କରି ଜୋରଜବରଦସ୍ତ ଦାୟିତ୍ୱ ପ୍ରଦାନ କରୁଛନ୍ତି ଓ ଯେଉଁଠି ଜଣେ ମାତ୍ର ଶିକ୍ଷକ ଅଛନ୍ତି, ସେଠାରେ ପରିସ୍ଥିତି ସାଙ୍ଘାତିକ ହେଉଛି ଏବଂ ଏହାର ସୁଦୂରର ପ୍ରଭାବ ସ୍କୁଲ ପରିଚାଳନା, ଶିକ୍ଷାଦାନ କ୍ଷେତ୍ରରେ ଦେଖିବାକୁ ମିଳୁଛି । ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରୁନାହାନ୍ତି । ସେମାନଙ୍କ ଉପରେ ଶିକ୍ଷକ ଯେଉଁଟି ନଜର ଓ ନିୟନ୍ତ୍ରଣ ରଖିବା କଥା,ତାହାର ଘୋର ଅଭାବ ଦେଖା ଦେଉଛି ଓ ସ୍କୁଲର ପରିବେଶ,ସ୍ୱଚ୍ଛତା ଆଦି ବିଷୟରେ ନଜରିଆ ଭଲ ଓ ଶିକ୍ଷକମାନେ ଅଧିକ ତ୍ରାପରେ ଭାରାକ୍ରାନ୍ତ ରହୁଛନ୍ତି । ଏପରିକି ଅନେକ ସ୍କୁଲରେ ଗଣ ଶିକ୍ଷକ, ଶିକ୍ଷା ସହାୟକ ଥିବା ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାର ଦିଆଯାଇଛି ଯାହାକି ସୂତ୍ରାରୁ ରୂପେ ସମ୍ଭାବନ କରିବେ ବୋଲି ସେମାନଙ୍କ ଠାରୁ ଆଶା କରାଯାଇନପାରେ ଓ ପ୍ରତି ବୁଝରେ ଏପରି ଅବସ୍ଥା ରହିଛି । ଜଟଶୀ ବୁଝ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସ୍କୁଲରୁ ୮୩ଟି ପ୍ରାଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ଗଞ୍ଜାମ ଜିଲ୍ଲାରେ ହାଇସ୍କୁଲରେ ୩୦୦ରୁ ଅଧିକ ପ୍ରାଧାନଶିକ୍ଷକ ପଦବି ଖାଲି ପଡିଛି । କେନ୍ଦୁଝର ଜିଲ୍ଲାରେ ୪୫୦ରୁ ଅଧିକ ସ୍କୁଲରେ ଏପରି ସ୍ଥିତି ରହିଛି । ଗୋଟିଏ କି ଦୁଇଟି ଜିଲ୍ଲାରେ ନୁହେଁ,ସାରା ରାଜ୍ୟରେ ଏଭଳି ସ୍ଥିତି ନେଇ ବୁଦ୍ଧିଜୀବୀ,ଶିକ୍ଷାବିତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ପାଠ୍ୟକ୍ରମ ପରିବର୍ତନ,ନୂଆ ସ୍କୁଲ ଖୋଲିବା ପରିବର୍ତନ ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ,ଉଚ୍ଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲରେ ଅଧିକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ସହ ନିୟମିତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଜଣେ ଶିକ୍ଷକଙ୍କୁ ଯଥାଯଥ ଭାବରେ ନେଇ ସରକାର ଦୃଢ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଓ ତତ୍ସଙ୍ଗରେ ମଧ୍ୟ ପ୍ରାଥମିକରୁ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ପାଇଁ ବିହିତ ପ୍ରାଦ୍ୟାନ ରଖାଯିବା ଉଚିତ । ଏଥିପାଇଁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଅନୁଭୂତ ହେଉଛି ଓ ତେଣୁ ଶିକ୍ଷାରେ ପ୍ରଥମିକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରୁ ପିଲାମାନଙ୍କ ମୂଳଦୁଆକୁ ମଜଭୁତ କରିବାକୁ ହେବ । ସେଥିପାଇଁ ଯେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ସେଗୁଡିକ ପୂରଣ କରିବା ପାଇଁ ନିଷ୍ଠାପର ଉଦ୍ୟମ କରାଯିବା ସହିତ ଷ୍ଟୁଡ ଓ ଗଣଶିକ୍ଷା ବିଭାଗର କ୍ଷମତା ପରିସର ବୃଦ୍ଧି ଉପରେ ଜୋର ଦିଆଗଲେ ଭବିଷ୍ୟତ ପିଢ଼ିର ମଙ୍ଗଳ ଓ ଉନ୍ନତି ସୁନିଶ୍ଚିତ ହୋଇପାରିବ ।

ବୈଶ୍ୱିକ ଅସ୍ତିତ୍ୱ ପାଇଁ ଭାରତୀୟ ଦର୍ଶନର ଅବଦାନ

ଅନେକ ସମୟରେ ଆମେ ଗର୍ବର ସହିତ କହିଥାଉ ଆମ ଐତିହ୍ୟ ସମୃଦ୍ଧ, ଆମ ପରମ୍ପରା ଉଚ୍ଚକମର୍ଷ । ଏହି ସମୃଦ୍ଧ ଐତିହ୍ୟ ବିମଣ୍ଡିତ ପରମ୍ପରା ଆମେ ଆମ ପୂର୍ବଜଙ୍କଠାରୁ କେବଳ ଉତରାଧିକାରୀ ସୂତ୍ରରେ ପାଇନାହୁଁ, ବରଂ ଏକ ଜୀବନ୍ତ ନୈତିକ ସମ୍ବଳ ଭାବରେ ଏହା ଆମ ଜୀବନଧାରାର ଭିନ୍ନ ଭିନ୍ନ କାର୍ଯ୍ୟଧାରାକୁ ନିୟନ୍ତ୍ରିତ କରିଆସିଛି । ଏହା ମଧ୍ୟରେ ରହିଛି ଜଳବାୟୁ ନୈତିକତା, ଧୀମନ୍ତା ବା ବିଜ୍ଞ ବୋଧଶକ୍ତି ଓ ନୈତିକ ନେତୃତ୍ୱ । ଆମ ଦେଶର ସର୍ବପ୍ରାଚୀନତମ ବେଦ ଋକ୍ ବେଦର ସ୍ତୋତ୍ରରେ କୁହାଯାଇଛି "ମଧୁବାତା ଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ" । ସଂପୂର୍ଣ୍ଣ ଶ୍ଳୋକଟିର ଅର୍ଥ ହେଉଛି "ପୃଥିବୀବାସୀଙ୍କ ନିମନ୍ତେ ବାୟୁମଣ୍ଡଳ ମଧୁକର ହେଉ, ନଦୀମାନେ ମଧୁପ୍ରବାହୀ ହୁଅନ୍ତୁ । ଔଷଧୀୟ ଗଛ ଅମୃତ ସ୍ୱରୂପ ମଧୁମୟ ହୁଅନ୍ତୁ । ବନସ୍ପତି ମଧୁଧାରା ପ୍ରଦାନ କରୁ । ସୂର୍ଯ୍ୟକିରଣ ମଧୁବର୍ଷୀ କରୁ । ସକଳ ଜାତତିକ ବସ୍ତୁ ମଧୁମୟ ହେଉ ।" କିନ୍ତୁ ଏବେ ବିପରୀତର ଦବକରାର ସମୟ, ପୃଥିବୀ ଏବଂ ଆମେ ପୃଥିବୀବାସୀ । ବାୟୁମଣ୍ଡଳ ବିଷଉଳା, ନଦୀଜଳ ପ୍ରଦୂଷିତ, ଆକାଶ ଓ ସୂର୍ଯ୍ୟକିରଣ ମଧୁବର୍ଷୀ ନକରି ଅଗ୍ନିବର୍ଷୀ କରୁଛନ୍ତି । ଋକ୍ ବେଦର ଏହି ଶ୍ଳୋକ ବା ସ୍ତୋତ୍ରଟି ବିଶ୍ୱଚେତନାରେ ଉଦ୍ଭବ । ପୂର୍ବଜାଳରେ ମୁନିଋଷିମାନେ କେବଳ ନିଜପାଇଁ ବା ଆମ ଦେଶପାଇଁ ରୁହେଁନ୍ତୁ ବରଂ ସମଗ୍ର ବିଶ୍ୱର ପରିବେଶ ନିମନ୍ତେ ଚିନ୍ତା ପ୍ରକଟ କରୁଥିଲେ । ଏହାର କାରଣ ହେଉପାରେ, ପରିବେଶର କୌଣସି ଭୌଗୋଳିକ ସୀମା ସହବର ନାହିଁ । କୌଣସି ସ୍ଥାନରେ ପରିବେଶ ଅସନ୍ତୁଳିତ ହେଲେ ସଂକ୍ରାମକ ରୋଗ ପରି ତାହା ଅନ୍ୟତ୍ର ବ୍ୟାପିଯିବ । ବୈଦିକ ସଂସ୍କୃତିର ପ୍ରାଣକେନ୍ଦ୍ର ଋଷି ମୁନିଙ୍କ ଆଶ୍ରମରେ ଅତୀତରେ ଉଷା ଆଗମନୀରେ ଋକ୍ରେ ହେଉଥିଲା ଶାନ୍ତି ମନ୍ତ୍ର 'ଓଁ ଦ୍ୟୌଃ ଶାନ୍ତିରନ୍ତରିକ୍ଷଂ ଶାନ୍ତିଃ ପୃଥିବୀ, ଶାନ୍ତିରାପଃ ଶାନ୍ତି ରୋଷଧୟଃ ଶାନ୍ତି ବନସ୍ପତୟେ ଶାନ୍ତିଃ ବିଶ୍ୱଦେବାଃ, ଶାନ୍ତିଃ ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତି ଶାନ୍ତିରେବ ଶାନ୍ତିଃ, ସାମରେଦ୍ୟ ଶାନ୍ତିଃ' । ଅର୍ଥାତ୍- ସ୍ୱର୍ଗ, ଅନ୍ତରୀକ୍ଷ, ପୃଥିବୀ, ଜଳ, ଔଷଧୀ, ବନସ୍ପତି, ବିଶ୍ୱଦେବତା, ବ୍ରହ୍ମ ସମସ୍ତେ ଶାନ୍ତ ହୁଅନ୍ତୁ । ଶାନ୍ତି ହିଁ ଶାନ୍ତି ବିରାଜମାନ କରୁ । ପ୍ରକୃତି ଏବଂ ପ୍ରାକୃତିକ ପରିସଂସ୍ଥା ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଅନ୍ୟ ନାମ ସନ୍ତୁଳିତ ପରିବେଶ । ବୈଦିକ ଶାସ୍ତ୍ରରେ ଏହାକୁ କୁହାଯାଏ ପଞ୍ଚ ମହାଭୂତ- କ୍ଷିତି (ପୃଥିବୀ), ଆପ୍ (ଜଳ), ତେଜ (ଆଲୋକ), ମରୁତ (ବାୟୁ), ବ୍ୟୋମ (ଆକାଶ/ଅନ୍ତରୀକ୍ଷ) । ଏହା ହିଁ ଭାରତୀୟ ସଂସ୍କୃତିର ବିଶ୍ୱ ପ୍ରତି ଆହ୍ୱାନ । ବିଶ୍ୱ ଐତିହ୍ୟ, ପରମ୍ପରା, ସଂସ୍କୃତି ଏବଂ ବିଶ୍ୱ ସହାବସ୍ଥାନ ପ୍ରତି ଭାରତର ଅବଦାନ । ଆମ ଐତିହ୍ୟର ଅନ୍ୟତମ ଧରୋହର ମହାଉପନିଷଦରେ କୁହାଯାଇଛି- ବସୁଧୈବ କୁଟୁମ୍ବକମ୍, ଅର୍ଥାତ୍- ସମଗ୍ର ବିଶ୍ୱ ଏକ ପରିବାର । ବିଶ୍ୱ କା ପୃଥିବୀ ଏକ ଘର ସବୁଥା । ଆମେ ପୃଥିବୀବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ ଏହି ଘରେ ବସବାସ କରୁଛୁ । ୨୦୨୩ ମସିହାରେ ଭାରତ ଅଧକ୍ଷତାରେ ଅନୁଷ୍ଠିତ ଜି-୨୦ ଦେଶମାନଙ୍କର ସଚିବାଳୟ ପ୍ରସଙ୍ଗ କଖାଯାଇଥିଲା- ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ । ବସୁଧୈବ କୁଟୁମ୍ବକମ୍ ମହାଉପନିଷଦର ଏହି ଆଦର୍ଶ ନୀତିବାଣୀ ଖୋଦିତ ହୋଇ ରହିଛି ଆମ ପାର୍ଲାମେଣ୍ଟ ଭବନର ପ୍ରବେଶ ପଥରେ । ଯାହାର ଅର୍ଥ ହେଉଛି ସାର୍ବଜନୀନତା ବା ବିଶ୍ୱବ୍ୟାପିତା । ବୈଶ୍ୱିକ ଭାଇଚାରା, ସଭ୍ୟତା ଏବଂ ସଂସ୍କୃତି ତଥା ବିଶ୍ୱ ମାନବ ସମାଜ ପରସ୍ପର ସହିତ ପ୍ରକୃତି ଏବଂ ପରିବେଶ ଜଡିଆରେ ଏକ ସାର୍ବଜନୀନ ବନ୍ଧନରେ ଯୋଡ଼ା ହୋଇଥିବାର ସନ୍ଦେଶ । ମନୁଷ୍ୟ, ଜୀବ, ଅଣୁଜୀବ, ପଶୁପକ୍ଷୀ ସମେତ ଜଭିବଜଗତ ପରସ୍ପର ସହିତ ସଂଯୁକ୍ତ ଏବଂ ପରସ୍ପର ଉପରେ ପୂର୍ଣ୍ଣତଃ ନିର୍ଭରଶୀଳ । ଏହି ସଂପର୍କର ସେତୁ ଲେଉଟି ନଷ୍ଟଭ୍ରଷ୍ଟ ହେଲେ ସମଗ୍ର ଶୃଙ୍ଖଳ ଖଣ୍ଡ ଖଣ୍ଡ ହୋଇ ଛିଣ୍ଡି ପଡ଼ିବ । କାରଣ ସମସ୍ତେ ବିଶାଳ ବିଶ୍ୱ ପରିବାରର ସଦସ୍ୟ ଏବଂ ଅଂଶୀଦାର । ଜନୈକ ବ୍ରିଟିଶ ରସାୟନବିତ୍ ଗବେଷକ ଜେମ୍ସ ଲଭ୍ ହଜ୍ ତାଙ୍କ ରଚିତ ପୁସ୍ତକ 'ଗଇଆର ପ୍ରତିଶୋଧ'ରେ ଯେଉଁ ସୈବୀକ୍ରିକ ତଥ୍ୟ ଉପସ୍ଥାପନା କରିଛନ୍ତି ଗଇଆ ପ୍ରକରଣ ତନ୍ଦ୍ରଧରେ ପ୍ରମୁଖ । ଗ୍ରୀକ ପୌରାଣିକ ପ୍ରଭୁରେ ଆଦିମ ଦେବୀ ଗଇଆଙ୍କୁ ପୃଥିବୀ ମାତା ଭାବରେ ଚିତ୍ରଣ କରାଯାଇଛି । ଗଇଆ ପ୍ରକରଣ ମୁତାବକ ପୃଥିବୀ ଏକ ଜୈବିକ, ସୁନିୟନ୍ତ୍ରିତ ସଂସ୍ଥା, ଯାହା ମଧ୍ୟରେ ଜୈବିକ (ଉଦ୍ଭିଦ ଓ ଜୀବଜନ୍ତୁ, ଜୈବବିବିଧତା) ଏବଂ ଅଜୈବିକ (ବାୟୁମଣ୍ଡଳ, ଜଳ, ମୃତିକା) ବସ୍ତୁଗୁଡ଼ିକ ପରସ୍ପର ସହିତ ସମନ୍ୱୟ କରାଯାକରି କାର୍ଯ୍ୟ କରନ୍ତି । ଉଦ୍ଭିଦଜଗତ ମୌଳିକ ଉତ୍ପାଦନକାରୀ ହୋଇଥିବାରୁ ବାୟୁମଣ୍ଡଳର ସଂରଚନା ଏବଂ ତାପମାତ୍ରାକୁ ନିୟନ୍ତ୍ରିତ କରି ପୃଥିବୀରେ ଜୀବନ ଚିତ୍ତି ରହିବା ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ବୈଜ୍ଞାନିକମାନଙ୍କର ମତ ଅନୁସାରେ, ସମଗ୍ର ବିଶ୍ୱରେ ୮୦ଲକ୍ଷରୁ ୧କୋଟି ପ୍ରଜାତିର ଜୈବବିବିଧତା ରହିଛି । ଅତ୍ୟାବଧି ମାତ୍ର ୧୨ଲକ୍ଷରୁ ୧୭ଲକ୍ଷ ପ୍ରଜାତି ଚିହ୍ନଟ ହୋଇପାରିଛନ୍ତି । ଜୈବବିବିଧତାର ୭୦% ହେଉଛି ଜୀବ, ଅଣୁଜୀବ ଓ ଜୀଟପତଙ୍ଗ । ଏହି ଜୀବଜଗତରୂପୀ ପିରାମିଡର ଶୀର୍ଷରେ ରହିଛି ମନୁଷ୍ୟ ପ୍ରଜାତି । ପ୍ରାରମ୍ଭରେ ଆଦିମ ମନୁଷ୍ୟ ବଣ ଜଙ୍ଗଲରେ ବସବାସ କରୁଥିଲା । ପ୍ରକୃତି ଓ ପରିବେଶ କୋଳରେ ଜୀବନ ବିତାଉଥିଲା । ଜଙ୍ଗଲର ଫଳ, ମୂଳ ଓ ଜଳଚାମ୍ପ ଭକ୍ଷଣ କରି ଜୀବନଧାରଣ କରୁଥିଲା । ସେଥିପାଇଁ ସେ ପ୍ରକୃତିକୁ ପୂଜା କରୁଥିଲା ଓ ତା'ର ସୁରକ୍ଷା ତଥା ସଂରକ୍ଷଣ ପାଇଁ ସତତ ଚେଷ୍ଟିତ ଥିଲା । କିନ୍ତୁ ଥିଲା ତା'ପାଇଁ ପ୍ରଥମ ବୈଜ୍ଞାନିକ ଆବିଷ୍କାର । ଜାଳଭୁମେ କିଟାଣ ବ୍ୟବହାର ଜାଣିବା ପରେ ପରେ ମନୁଷ୍ୟର ବୁଦ୍ଧିମତା ଓ ବୈଷୟିକ ଜ୍ଞାନକୌଶଳ ବିକଶିତ ହେବାକୁ ଲାଗିଲା । ମନୁଷ୍ୟର ବୈଜ୍ଞାନିକ ଓ ବୈଷୟିକ ଜ୍ଞାନ ଅଭିବୃଦ୍ଧିର ପରିପ୍ରକାଶ ହେଲା କୃଷି ବିପ୍ଳବ ଓ ଶିଳ୍ପ ବିପ୍ଳବ । ଉଭୟ କ୍ଷେତ୍ରରେ ଶହୀଦ ହେଲା ଜଙ୍ଗଲ ଓ ଜଙ୍ଗଲର ବୃକ୍ଷରାଜି । ଅନ୍ୟପକ୍ଷେ ଜନସଂଖ୍ୟା ମଧ୍ୟ ତୁତରପରିରେ ବୃଦ୍ଧି ପାଇବାରେ ଲାଗିଛି । ୧୮୦୦ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦କୋଟି ଥିଲାବେଳେ, ୨୦୨୫ ବେଳକୁ ଏହା ୮୨୦କୋଟି ଟପି ସାରିଲାଣି । ଲୋକମାନଙ୍କର ଜୀବନଯାପନ ଶୈଳୀରେ ମଧ୍ୟ ପରିବର୍ତନ ହୋଇଛି । ବର୍ତମାନ ବିଶ୍ୱ ହାରାହାରି ଜୀବନଯାପନ ଶୈଳୀରେ ଆମ ପାଇଁ ୧.୭ଟି ପୃଥିବୀର ଆବଶ୍ୟକତା ପଡୁଛି । ଆମେରିକାର ଲୋକସଂଖ୍ୟା ବିଶ୍ୱ ଲୋକସଂଖ୍ୟାର ୪.୮%, କିନ୍ତୁ ସେମାନେ ପୃଥିବୀର ୩୨% ପ୍ରାକୃତିକ ସମ୍ବଳ ବ୍ୟବହାର କରନ୍ତି । ଆମେରିକାମାନଙ୍କର ଜୀବନଶୈଳୀ ଯଦି ବିଶ୍ୱବାସୀ ଆପଣେଇବାକୁ ଚାହାଁନ୍ତି, ସେଥିପାଇଁ ୫ଟି ପୃଥିବୀ ଆବଶ୍ୟକ ପଡ଼ିବ । ଅଥଚ, ଏଯାବତ୍ ଆମ ପାଖେ ମାତ୍ର ଗୋଟିଏ ପୃଥିବୀ ଉପଲବ୍ଧ, ତେଣୁ ସ୍ୱାଭାବିକ ଭାବେ ପୃଥିବୀର ପ୍ରାକୃତିକ ସମ୍ବଳ ଓ ପରିବେଶ ଉପରେ ଗଭୀର ଚାପ ସୃଷ୍ଟି ହେଉଛି । ଏହି ପରିପ୍ରେକ୍ଷୀରେ ୨୦୨୫ ମସିହାରେ ଗ୍ଲାସଗୋ ଠାରେ ଅନୁଷ୍ଠିତ କୋପ୍-୨୬ (କନଫରେନ୍ସ ଅଫ୍ ପାର୍ଟିକ-୨୬) ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ 'ମିଶନ ଲାଇଫ୍' ଆହ୍ୱାନ ଦେଇଥିଲେ । ଯାହାର ଆକ୍ଷରିକ ଅର୍ଥ ହେଲା 'ପରିବେଶ ଅନୁକୂଳନ ଜୀବନଶୈଳୀ' । ମିଶନ ଲାଇଫ୍, ଭାରତୀୟ ଅବବୋଧ ହୋଇଥିଲେ ହେଁ ବିଶ୍ୱବାସୀଙ୍କ ପାଇଁ ଏକ ସରଳ, ସହନୀୟ ତଥା ପରିବେଶ ସହାୟକ ଜୀବନଶୈଳୀ ଆପଣେଇବା ଓ ତାହା ମାଧ୍ୟମରେ ଜଳବାୟୁ ପରିବର୍ତନ ଓ ବିଶ୍ୱଉତାପ ଆଦି ସମସ୍ୟାକୁ ହ୍ରାସ କରିବା ପାଇଁ ଆହ୍ୱାନ ଭରି ରହିଥିଲା । ଅନ୍ୟ ଏକ ଭାରତ ଉଦ୍ଭବ ଚିନ୍ତାଧାରା, ଯାହା ବିଶ୍ୱବାସୀଙ୍କ ପାଇଁ ପ୍ରଣୋଦିତ, ତାହା ହେଉଛି ସର୍ବଧର୍ମ ସମ୍ଭବ ବା ସମନ୍ୱୟ । ସବୁ ଧର୍ମ ସମାନ ଓ ସବୁ ଧର୍ମ ମହାନ । ସିଦ୍ଧିପ୍ରାପ୍ତ କରିବାପାଇଁ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପନ୍ଥା ଅନୁସରଣ କରାଯାଇଥିଲେ ମଧ୍ୟ ଶେଷ ଲକ୍ଷ୍ୟ ବା ସତ୍ୟ ଏକ ଓ ଅଦ୍ୱିତୀୟ । ଜାତିର ପିତା ମହାତ୍ମା ଗାନ୍ଧିଙ୍କର ଏହି ସ୍ୱୈପୁଣ୍ୟକ ଭାବଧାରା ସେବେ ଏବଂ ଏବେ ମଧ୍ୟ ବିଶ୍ୱବାସୀଙ୍କୁ ପରଷ୍ପର ପ୍ରତି ସହନ

ଭାରତୀୟ ଜ୍ଞାନ ଆଧାରରେ ଗ୍ରାମର ଉନ୍ନତି ପାଇଁ ଗବେଷକ ମାନେ ଚିନ୍ତନ କରନ୍ତୁ: ଶ୍ରୀ ଦତାତ୍ରେୟ ହୋସବାଲେ

ସମ୍ବଲପୁର,୨୦/୨(ନି/ପ୍ର):ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତେ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ରାମକୃଷ୍ଣ ପରମହଂସ ଅଧ୍ୟାପକ ମିଳନ ଚୁର୍ଲା, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଇ-ଲର୍ଣ୍ଣିଙ୍ଗ୍ ସେଣ୍ଟରରେ ଅଧ୍ୟାପକ ଏବଂ ସଚେତ୍ତକ ସମ୍ମିଳନୀ ଆୟୋଜନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକ କାର୍ଯ୍ୟବାହ ଦତାତ୍ରେୟ ହର୍ଷବୋଲେ, ଯିଏକି ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ, ନିଜ ଅଭିଭାଷଣରେ ସଂଘର ଶତେ ବର୍ଷର ଯାତ୍ରା ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ସେ ସଂଘ ଗଠନ ହେବା ଦିନଠାରୁ ଏହାର ଯାତ୍ରାରେ ବିଭିନ୍ନ ମାଇଲ୍ ଖୁଣ୍ଟ ଏବଂ ଆହ୍ୱାନ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆରଏସ୍‌ଏସ୍ ହିନ୍ଦୁତ୍ୱକୁ ରାଷ୍ଟ୍ରବାଦ ବୃଦ୍ଧିଭୋଣରୁ ଦେଖେ । ରାଷ୍ଟ୍ରର ସେବା ପ୍ରତି ସମର୍ପିତ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କାର୍ଯ୍ୟ ଦ୍ୱାରା ଦେଶର ମର୍ଯ୍ୟାଦା ବୃଦ୍ଧି କରୁଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଲୋକମାନଙ୍କୁ ଚରିତ୍ର ନିର୍ମାଣ, ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ, ସମାଜ ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ଆଗକୁ ଆସିବାକୁ ପ୍ରେରଣା ଦେଇଥାଏ । ବିଭିନ୍ନ କରୁଣାଜନକାଳନ ପରିସ୍ଥିତିରେ ସଂଘ ସମାଜ ପାଇଁ ନିଃସ୍ୱାର୍ଥପର ଭାବରେ ଛିଡ଼ା ହୋଇଛି, ଏଥିପାଇଁ କୌଣସି ପ୍ରମାଣର ଆବଶ୍ୟକତା ନାହିଁ । ସ୍ୱାଧୀନତା ପରଠାରୁ ଭାରତର ବିକାଶ ଯାତ୍ରାକୁ ସେ କହିଥିଲେ ଯେ, ଖାଦ୍ୟ ପ୍ରସ୍ତୁତି, ଶିକ୍ଷା, କ୍ରୀଡ଼ା, ପ୍ରତିରକ୍ଷା ଆଦି କ୍ଷେତ୍ରରେ ଭାରତ ଅଭୂତପୂର୍ବ ପ୍ରଗତି କରିଛି । ଏବେ ଆମକୁ ନିଜର ଖାଦ୍ୟ ପାଇଁ ଅନ୍ୟ କୌଣସି ଦେଶରୁ ଖାଦ୍ୟ ମାଗିବାକୁ ପଡୁନାହିଁ । ଭାରୀୟ ଭାବନାକୁ ସର୍ବାଗ୍ରେ ରଖି ସେ କହିଥିଲେ ଯେ, କୌଣସି ପ୍ରସଙ୍ଗରେ ଆମେ ଆମ ମଧ୍ୟରେ କୌଣସି ବିବାଦ ଥିଲେ ମଧ୍ୟ ଯେତେବେଳେ ବେଶ ଇଆ ଆସେ, ଆମେ ଏକାଠି ଠିଆ ହୋଇଥିବା ଦେଖିବା, ଦେଖିବାକୁ ମିଳିଥାଏ । ଅଲମ୍ପିକ ରେ କେଉଁ ଜାତିର ଖେଳାଳି ପଦକ ଜିତିଛନ୍ତି କିମ୍ବା କେଉଁ ଜାତିର ବ୍ୟକ୍ତି ନିଜ ଦକ୍ଷତା ଦ୍ୱାରା ଦେଶକୁ ଗର୍ବିତ କରିଛନ୍ତି, ତାହା ଆମେ ଦେଖୁନାହୁଁ । ଏହିଭଳି ଅବସରରେ ଆମେ ସମସ୍ତେ ଗର୍ବ ଅନୁଭବ କରୁ ଏବଂ ଏହା ହିଁ ଭାରତର ସୌନ୍ଦର୍ଯ୍ୟତା । ଭାରତର ଶକ୍ତି ହେଉଛି ଏହାର ଏକତା ଏବଂ ଅଖଣ୍ଡତା । ଭାରତର ଆତ୍ମନିର୍ଭରଶୀଳତା ବିଷୟରେ ଆଲୋଚନା କରି ସେ କରୋନା ମହାମାରୀ ବିଷୟରେ ଏବଂ ଚିକିତ୍ସା ଉପକରଣ ବ୍ୟତୀତ ଭାରତ କିପରି ବିଶ୍ୱର ବିଭିନ୍ନ ଦେଶକୁ ସାହାଯ୍ୟ କରିଥିଲା, ସେ ସେ ବିଷୟରେ ଆଲୋଚନା କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ସହିତ ଏକ ସାମାଜିକ ସଙ୍ଗଠନ, ଯାହା ଭାରତୀୟ ସଂସ୍କୃତିର ସାରମର୍ମୀ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଯଶଚନ୍ଦ୍ରର ବୀର୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ବୀର ସୁରେନ୍ଦ୍ର ସାଏ ଲର୍ଣ୍ଣିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚର ସ୍ତ୍ରୀ ରୋଗ ବିଶେଷଜ୍ଞ, ସହକାରୀ ପ୍ରଫେସର ଡକ୍ଟର ସବ୍ୟନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ଦେବବ୍ରତ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ଆଇ ଆଇ ଏମ୍ ସମ୍ବଲପୁର, ଭିମସାର୍ ଓ ଭିସୁଟ ସମେତ ସମ୍ବଲପୁର ନିଳଟବର୍ତ୍ତୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ର ଅଧ୍ୟାପକ ଓ ପି ଏଚ ଡି ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

ବିଚ୍ଛିନ୍ନ ପରିବାରକୁ ଏକାଠି କରୁଛି 'ସ୍ନେହ ସେତୁ'

୪ ବର୍ଷ ପରେ ପରିବାରକୁ ଫେରିଲେ ଉତରପ୍ରଦେଶର ସବା ନୁର

ଝାରସୁଗୁଡ଼ା,୨୦/୨(ନି/ପ୍ର): ଜିଲ୍ଲା ପ୍ରଶାସନର ନିଜସ୍ୱ 'ସ୍ନେହ ସେତୁ' ଅଭିଯାନ ଏବେ ଅନେକ ବିଚ୍ଛିନ୍ନ ପରିବାର ପାଇଁ ଆଶାର ଆଲୋକ ସାଜିଛି । ଜିଲ୍ଲାପାଳ ଜୁଏଲ ମୋରିଚାନ ଚଢ଼ାଣ୍ଡ ମାନବୀୟ ଆଭିମୁଖ୍ୟ ଯୋଗୁଁ ପୁଣି ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରି ପାଇଛନ୍ତି । ଏହି ଅଭିଯାନର ନିରନ୍ତର ପ୍ରୟାସ ଯୋଗୁଁ ଆଜି ଉତରପ୍ରଦେଶର ସବା ନୁର ନାମ୍ନୀ ଜଣେ ମହିଳା ବାର୍ଦ୍ଧ ୪ ବର୍ଷ ପରେ ନିଜ ପରିବାର ସହ ପୁନର୍ମିଳିତ ହୋଇଛନ୍ତି । ସୂଚନା ଅନୁଯାୟୀ, ସବା ନୁରଙ୍କୁ ସମ୍ବଲପୁରର ହୀରାକୁଦ ପୋଲିସ ଉଦ୍ଧାର କରିବା ପରେ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଯତ୍ନ ନିଆଯାଉଥିଲା । ସେପରେ ତାଙ୍କୁ ଆବଶ୍ୟକୀୟ ଜାଉନସେଲିଂ ପ୍ରଦାନ କରାଯିବା ସହ ତାଙ୍କ ପରର ଠିକଣା ଖୋଜିବା ପାଇଁ 'ସ୍ନେହ ସେତୁ' ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ସବାଙ୍କ ପରିବାର ସଦସ୍ୟମାନେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଏକ ଭାବପୂର୍ଣ୍ଣ ପରିବେଶରେ ତାଙ୍କୁ ହସ୍ତାନ୍ତର କରାଯାଇଛି । ଦୀର୍ଘ ୪ ବର୍ଷର ଅପେକ୍ଷା ପରେ ତାଙ୍କୁ ପାଖରେ ପାଇ ପରିବାର ଲୋକେ ପ୍ରଶାସନ ଓ 'ସ୍ନେହ ସେତୁ' ଅଭିଯାନକୁ କୃତଜ୍ଞତା ଜଣାଇଛନ୍ତି । ସାମାଜିକ ପୁନର୍ବାସ କ୍ଷେତ୍ରରେ 'ସ୍ନେହ ସେତୁ' ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି, ଯାହା ନିରନ୍ତର ଭାବେ ଅସହାୟ ଲୋକଙ୍କୁ ନିଜ ଆତ୍ମୀୟଙ୍କ ସହ ଯୋଡ଼ିବାରେ ସଫଳ ହେଉଛି ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୦/୨(ନି/ପ୍ର):ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ ଭଦ୍ରକ କୁଳ ସଭା ଗୃହ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଢ଼ିହାରୀଙ୍କ ମଂଚ ସଂଚାଳନ ରେ ଶିଶୁ ମଙ୍ଗଳ କମିଟି ର ଅଧକ୍ଷା ସୁଚୁତ ବିଶ୍ୱାଳ ମୁଖ୍ୟ ଅତିଥି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନିତି ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ ସୁଚୁତ ଦାସ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ତଥା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ନିଜ ବକ୍ତବ୍ୟ ରେ ଶିଶୁ ମାନଙ୍କୁ ଥଳଥାନ,ସୁରକ୍ଷା ସମ୍ବନ୍ଧରେ ସମଙ୍କର ସହଯୋଗ ଆବଶ୍ୟକ ବୋଲି ବର୍ଣ୍ଣାଇଥିଲେ ।ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନିତି ନିଜ ବକ୍ତବ୍ୟରେ ଶିଶୁ ସୁରକ୍ଷା ଆଇନ୍ ବାବରେ ସମସ୍ତେ ଜାଣିଲେ ଓ ପିଲାମାନ ଙ୍କ ମାନସିକ ସ୍ଥିତି ଅନୁଧ୍ୟାନ କଲେ ପିଲାଙ୍କୁ ସୁରକ୍ଷା ପ୍ରଦାନ କରିହେବା ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଶ୍ରୀ ବାସ ଶିଶୁ ମାନଙ୍କ ଅଧିକାର ଓ ସୁରକ୍ଷା ବିଗରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ତତ୍ ସହ ବାଲ୍ୟ ବିବାହ , ଶିଶୁ ଶ୍ରମ,ଶିଶୁ ନିର୍ଯ୍ୟାତନା, ସାଇବର ଅପରାଧ ଓ ମିଶନ ବାତ୍ସଲ୍ୟ ଅନ୍ତର୍ଗତ କିଶୋର ନ୍ୟାୟ ବ୍ୟବସ୍ଥା ସମ୍ବନ୍ଧରେ ବିଭିନ୍ନ ଉଦାହରଣ ଓ ଦୃଷ୍ଟାନ୍ତ ମାଧ୍ୟମରେ ଅବଗତ କରିଥିଲେ ।ପ୍ରଥମେ ପରିବାରରେ ପିଲାମାନଙ୍କ ମାନସିକ ସ୍ଥିତି କୁ ଭଲ ଭାବେ ବୁଝିବା ଦରକାର ଏବଂ ପରେ ଶିଶୁ ହୁଇପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେଥିପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ !ଆବଶ୍ୟକ ସୁଲେ ବିଭିନ୍ନ ଯୋଜନା ମାଧ୍ୟମରେ ଶିଶୁ ଙ୍କୁ ସାମିଲ କରାଯାଇପାରିବ । ବିପରେ ରେ ଥିବା ଶିଶୁ ମାନଙ୍କୁ ତ୍ୱରିତ ସେବା ପାଇଁ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତା ଅଂଶ ଗ୍ରହଣ କରିଥିଲେ ।ଚାଇଲ୍ଡ ଲାଇନ ର ମିମ୍ ସଦସ୍ୟ ଚନ୍ଦ୍ରକାନ୍ତ ଗୋଛାୟତ,ପରାମର୍ଶ ଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ବିନୁ ବିଜୟ ମହାନ୍ତି,ଟିମ୍ ମେମ୍ବର କାହୁଁ ମଲ୍ଲିକ, ରମାକାନ୍ତ ଜେନା ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ । ପରିଶେଷରେ ଚନ୍ଦ୍ରକାନ୍ତ ଗୋଛାୟତଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଭଦ୍ରକ ଜିଲା ଟିପ୍ପର (ଡମ୍ପର) ମାଲିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ,୨୦/୨(ନି/ପ୍ର): ଧାମରା ପୋର୍ଟ ଦ୍ୱାରା ପ୍ରଚଳିତ କୋଇଲା ପରିବହନରେ ଭଦ୍ରକ ଜିଲାର ମୂଳ ଅଧିବାସୀଙ୍କୁ ବଂଚିତ କରିବା ବିରୁଦ୍ଧରେ ଆସନ୍ତା ୨୭ ତାରିଖ ଦିନ ରେଳରୋକ କରାଯିବ ବୋଲି ଆଜି ଭଦ୍ରକ ଜିଲା ଟିପ୍ପର (ଡମ୍ପର) ଟ୍ରକ୍ ମାଲିକ ସଂଘ , ବିଶ୍ୱକର୍ମା ଟ୍ରକ୍ ଓନର ଆସୋସିଏସନ୍ ଏବଂ ଭଦ୍ରକ ଜିଲା ବିକାଶ ପରିଷଦ ପକ୍ଷରୁ ଏକ ଜିଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି । ଭଦ୍ରକ ଜିଲା ଟିପ୍ପର (ଡମ୍ପର) ଟ୍ରକ୍ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ଓ ସଂପାଦକ ଜ୍ୟୋତିପ୍ରକାଶ ମହାନିଙ୍କ ପକ୍ଷରୁ ଦିଆଯାଇଥିବା ପ୍ରେସ୍ ରେଜିଜ୍ ସୂଚନା ଅନୁସାରେ ଭିତ୍ତିଭୂମି ନିର୍ମାଣ ଓ ଜର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବଳ୍ଲିଷ୍ଟ ଦୀର୍ଘ ମିଆଦି ସଂସ୍ଥା । ୨୦୦୭ ମସିହାରେ ଏହି ବନ୍ଦରର ସ୍ଥାପନା ବେଳେ ୭ ଗୋଟି ବୁହତ୍ ବିଭିନ୍ନ ଅଂଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଥିଲେ । ସେତେବେଳେ ଏଲ୍‌ଏଣ୍ଡଟି ଦ୍ୱାରା ପଥର ଯୋଗାଣ କାର୍ଯ୍ୟ କରାଯାଇ ଏହି ବନ୍ଦର ନିର୍ମାଣ ପାଇଁ ଧାମରା ସମୁଦ୍ର ତଟରେ ପ୍ରଥମ କରି ପଥର ପକାଇଥିଲା । କିନ୍ତୁ ସେତେବେଳେ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୂଳେ ତତ୍କାଳୀନ ଜିଲାପାଳ ଶ୍ରୀକାନ୍ତ କୁମାର ପାଇକରାୟ ଏହି ସଂଘର ବେକାର ଯୁବକଙ୍କୁ ବନ୍ଦର ନିର୍ମାଣ ହେଲେ ସେମାନଙ୍କୁ ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ସ୍ୱପ୍ନ ଦେଖାଇଥିଲେ । କିନ୍ତୁ ଧାମରା ପୋର୍ଟଠାରେ କରାଯାଇଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଂଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଏବେ କର ବା ମର ଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି ।

ବୋଲଗଡ ବିଡିଓଙ୍କ କାର ଭାଙ୍ଗିଦେଲେ

ବୋଲଗଡ଼,୨୦/୨(ନି/ପ୍ର): ବେଶ କିଛି ଦିନ ହେଲା ବୋଲଗଡ଼ ବିଡିଓ ସୁମନସୁଧା କୁଲୁଲୁ ନେଇ ବିବାଦ ଲାଗି ରହିଛି । ଆଜି ବୋଲଗଡ଼ କୁଳ ସଚ୍ଛାଖରେ ଉତେଜନା ଦେଖାଦେଇଛି । ବିଡ଼ିଓଙ୍କ ବଦଳି ଦାବିରେ ୯ ଦିନ ହେବ ଚାଲିଥିବା ଧାରଣା, ଆଜି ରାଜନୈତିକ ରୂପ ନେଇଛି । ବୋଲଗଡ଼ କୁଳ ସଭାପତି ଯେତେବେଳେ କୁଳ ଅଫିସକୁ ଯିବାକୁ ଉଦ୍ୟମ କରିଥିଲେ, ସେତେବେଳେ ଅଫିସରେ ତାଲା ପକାଇ ଦିଆଯାଇଥିଲା । ଏହାକୁ ନେଇ ପ୍ରବକ ଉତ୍ତେଜନା ପ୍ରକାଶ ପାଇଥିଲା । ବିଡିଓ ପଚାଂୟତ ପ୍ରତିନିଧିଙ୍କ କଥା ଶୁଣୁ ନଥିବା ଏବଂ ମନମାନି କରୁଥିବା ନେଇ ଅଭିଯୋଗ ହେଉଥିଲା । ଜାନୁଆରୀ ୨୬ ତାରିଖ ଦିନ ସାଧାରଣତନ୍ତ୍ର ଦିବସ ଆୟୋଜନରେ ଅବ୍ୟବସ୍ଥା ପରେ ବିବାଦ ଆହୁରି ତୀବ୍ର ହୋଇଥିଲା । ଏହାପରଠାରୁ ବିଡ଼ିଓଙ୍କ ବଦଳି ଦାବି ହୋଇଆସୁଛି । ୯ ଦିନ ହେଲା ବିଡ଼ିଓଙ୍କ ବଦଳି ଦାବିରେ ଲୋକେ ଧାରଣା ଦେଇଛନ୍ତି । ଧାରଣାକୁ ନୟାଗଡ଼ ବିଧାୟକ ଅରୁଣ ସାହୁ ସମର୍ଥନ ଦେଇଛନ୍ତି । ଗତକାଲି ସାଂସଦ ସୁଲତା ଦେଓ, ଲେଲିନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ଲା ସେପରେ ଆଜି ବିଜେପି ନେତା ବିଡିଓଙ୍କ ସମର୍ଥନରେ ବୋଲଗଡରେ ସମନ୍ତରାଳ ଭାବେ ଜନଜାଗରଣ ଶୋଭାଯାତ୍ରା କରୁଛନ୍ତି । ଯାହାକୁ ନେଇ ବୋଲଗଡ଼ରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି । ପରିସ୍ଥିତିକୁ ଆୟତ୍ତ କରିବା ଲାଗି ବୋଲଗଡ ପୁଲିସ୍ ପ୍ରଶାସନ ପକ୍ଷରୁ ବୁଲ ପ୍ରାର୍ଚ୍ଚନ ଫ୍ଲାର୍ଗ ମୁଚ୍ଛନ କରାଯାଇଛି ।

ଟ୍ରାଫିକ ଡିଏସପିଙ୍କ ତ୍ୱରିତ ପଦକ୍ଷେପ ପାଇଁ ବଚିଂଗଲା ଜୀବନ

ସମ୍ବଲପୁର,୨୦/୨(ନି/ପ୍ର): ସମ୍ବଲପୁରର ଟ୍ରାଫିକ ଡିଏସପି ନିରଞ୍ଜନ ଦାଶଙ୍କ ଉପସ୍ଥିତି ବୁଦ୍ଧି ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ସୋମବାର ଜଣଙ୍କ ଜୀବନ ବଚିଂଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ 'ବିସା' ର ବୈଠକ ସ୍ଥାନୀୟ ବିଆରଡିଏ ସମ୍ମିଳନୀ କକ୍ଷରେ ଚାଲିଥିଲା । ଏହି ବୈଠକରେ ଯୋଗ ଦେବା ପାଇଁ ବିଭିନ୍ନ ଅଧିକାରୀ ମାନେ ଆସିଥିବା ବେଳେ ଏନଏଚଏମ ଅନ୍ତର୍ଗତ ଜିଲା ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ୟୁନିଟ (ଡିପିଏମ) ର ଅଧିକାରୀ ମଧ୍ୟ ସାମିଲ ହୋଇଥିଲେ । ଏହି ବିଭାଗ ଦ୍ୱାରା ବ୍ୟବହାର ହେଉଥିବା ଗାଡିର ଚାଳକ ତଥା ସ୍ଥାନୀୟ ବଦବଜାର ବଙ୍ଗାଳିପଡା ନିବାସୀ ଦୀପକ କୁମାର ଦେ ଗାଡିକୁ ଆକାଶବାଣୀ କାର୍ଯ୍ୟାଳୟ ନିକଟରେ ପାର୍କି କରିଥିଲେ । ପ୍ରାୟ ୧୨ଟା ସମୟରେ ସେ ଛିଡା ହୋଇଥିବା ବେଳେ ଅଚାନକ ତାଙ୍କର ଛାତିରେ ପ୍ରବକ ଯନ୍ତ୍ରଣା ହେବାରୁ ଛାତିକୁ ଧରି ତଳେ ବସି ପଡିଥିଲେ । ସେହି ସମୟରେ ସେପାରେ ଚାଉରିରେ ରହିଥିବା ଟ୍ରାଫିକ ଡିଏସପି ନିରଞ୍ଜନ ଦାଶ ଏହା ଦେଖି ତୁରନ୍ତ ସେହି ଅଂଚଳରେ କାର୍ଯ୍ୟରତ ଟ୍ରାଫିକ କର୍ମଚାରୀ ରାହୁଲ ମୁଣ୍ଡା ଏବଂ ନିଲୁ ପଟ୍ଟାଙ୍କୁ ଡାକିଥିଲେ । ସମୟେ ତୁରନ୍ତ ଶ୍ରୀ ଦେଓ ଉଦ୍ଧାର କରି ଟ୍ରାଫିକ ବିଭାଗର ଗାଡିରେ ବସାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । ତ୍ୱରିତ ପଦକ୍ଷେପ ଯୋଗୁଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁରନ୍ତତାଙ୍କର ଚିକିତ୍ସା ଆରମ୍ଭ ହେବାରୁ ଗାଡି ଚାଳକ ଶ୍ରୀ ଦେଓ ଅମୂଲ୍ୟ ଜୀବନ ବଚିଂଯାଇଥିଲା । ଡାକ୍ତର ମାନେ ଟ୍ରାଫିକ ଡିଏସପି ଏବଂ କର୍ମଚାରୀ ମାନଙ୍କ ଏହି ମାନବୀୟ ଏବଂ ତ୍ୱରିତ ପଦକ୍ଷେପ ଦ୍ୱାରା ଖୁବ କମ ସମୟ ମଧ୍ୟରେ ଗାଡି ଚାଳକଙ୍କ ଚିକିତ୍ସା ସୁବିଧା ପାଇବାରୁ ତାଙ୍କର ଜୀବନ ବଚିଁ ଯାଇଥିବାର କହିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଗାଡି ଚାଳକଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଜିମସାଲରକୁ ସ୍ଥାନାନ୍ତର କରାଯାଇଛି । ଟ୍ରାଫିକ ଡିଏସପି ଶ୍ରୀ ଦାଶ ଏବଂ କର୍ମଚାରୀ ମାନଙ୍କର ଏହି ମାନବୀୟ ସେବାକୁ ସବୁ ମହଲରେ ଭଳ ପ୍ରଶଂସା କରାଯାଉଥିବା ବେଳେ ଏହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି ।

ଭାରତୀୟ ପରମ୍ପରାରେ ଗୁରୁ-ଶିଷ୍ୟ ସଂପର୍କ 'ଭୟ ମୁକ୍ତ'

ସମ୍ବଲପୁର,୨୦/୨(ନି/ପ୍ର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଅଧକ୍ଷା ପ୍ର. କଳ୍ପନା ମେହେର ସ୍ୱାଗତ ଭାଷଣ ରେ ମହାବିଦ୍ୟାଳୟରୁ ନାରୀ ଶକ୍ତି ବିକାଶର ଉପଯୁକ୍ତ କ୍ଷେତ୍ର ଭାବରେ ବର୍ଣ୍ଣନା କରିଥିଲେ । ଏଥିରେ ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ର ନିର୍ଦ୍ଦେଶକ ମୁରଲୀ ଧର ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସଦା ସର୍ବଦା କର୍ମ ତତ୍ପର ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟଭାଷୀ ସାହିତ୍ୟିକ ଡ. ଶ୍ୟାମ ସୁନ୍ଦର ଧର କହିଲେ ଯେ, ଭାରତୀୟ ପରମ୍ପରାରେ ଗୁରୁଶିଷ୍ୟର ସଂପର୍କ ପବିତ୍ରତମ । ଏହି ସମ୍ପର୍କ ହେଉଛି ଏକ ବିଶେଷ ମୁକ୍ତି , ଅଜ୍ଞତା, ଜଡ଼ତା ଓ ଭୟରୁ ମୁକ୍ତି ପ୍ରଦାନ କରିଥାଏ । ସଭାରେ ମହାବିଦ୍ୟାଳୟର 'ନ୍ୟୁଜ ଲେଟର' ଏବଂ ମହାବିଦ୍ୟାଳୟ ମୁଖପତ୍ର 'ଭାସ୍ୱତୀ' ର ଉନ୍ମୋଚନ ଓ ରାଜନୀତି ବି

ପ୍ରଥମ ଭାରତୀୟ ମହିଳା ମୁଦଗର ପ୍ରଶିକ୍ଷକ ବଲବିନ୍ଦର କୌର ସହୋଦା

ରାଉରକେଲା,୨୦/୨(ନି/ପ୍ର): ମୁଦଗର ପାଞ୍ଚାରର ପ୍ରତିଷ୍ଠାତା ବଲବିନ୍ଦର କୌର ସହୋଦା, ମହିଳାମାନଙ୍କ ପାଇଁ ପାରମ୍ପରିକ ଭାରତୀୟ ଶକ୍ତି ତାଲିମକୁ ପୁନର୍ଜୀବିତ କରିବାରେ ଜଣେ ଅଗ୍ରଣୀ ବ୍ୟକ୍ତି । ଭାରତର ବହୁତ କମ୍ ମହିଳା ମୁଦଗର ପ୍ରଶିକ୍ଷକଙ୍କ ମଧ୍ୟରୁ ଜଣେ ଭାବରେ, ସେ ପୁରୁଣା ମୁଦଗର ସଞ୍ଚାୟ (କାରଲାଙ୍କଟାଲ କିମ୍ବା ଭାରତୀୟ ବୁକ ଭାବରେ ମଧ୍ୟ ଜଣାଶୁଣା), ଐତିହାସିକ ଭାବରେ ପୁରୁଷ ଅଭ୍ୟାସକାରୀଙ୍କ ଦ୍ୱାରା ପ୍ରାଧାନ୍ୟିତ ଏକ ଫିଟନେସ୍ ଶିଷ୍ଟମକୁ ନୂତନ ଦୃଶ୍ୟମାନତା ଆଣିଛନ୍ତି । ଜଣେ ଆନ୍ତର୍ଜାତୀୟ ଯୋଗ ଶିକ୍ଷକ ଏବଂ ମୂଲ୍ୟାଙ୍କନକାରୀ, ପ୍ରେରଣାଦାତା ଏବଂ ମୁହଁ ଯୋଗ ବିଶେଷଜ୍ଞ, ବଲବିନ୍ଦର ଗଭୀର-ଉଦ୍ଦୁଗ୍ଧ ଯୋଗିକ ନୀତିଗୁଡ଼ିକୁ କାର୍ଯ୍ୟକ୍ଷମ ଶକ୍ତି ତାଲିମ ସହିତ ମିଶ୍ରଣ କରିଛନ୍ତି । ତାଙ୍କର କାର୍ଯ୍ୟ ଜାଞ୍ଚ ଗତିଶୀଳତା, ସନ୍ଧି ସ୍ୱାସ୍ଥ୍ୟ, ଆସନ ସଂଶୋଧନ, ଆଘାତ ପ୍ରତିରୋଧ ଏବଂ ସ୍ଥାୟୀ ଶକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରେ । ବିଶେଷଜ୍ଞରି ଆଧୁନିକ ଜୀବନଶୈଳୀରେ ଯାତ୍ରା କରୁଥିବା ମହିଳାମାନଙ୍କ ପାଇଁ । ମୁଦଗରପାଞ୍ଚାର ମାଧ୍ୟମରେ, ସେ ସଂରଚିତ କାର୍ଯ୍ୟକ୍ରମ ବିକଶିତ କରିଛନ୍ତି ଯାହା ମୁଦଗର ତାଲିମକୁ ଏହାର ପାରମ୍ପରିକ ସାର ସଂରକ୍ଷଣ କରି ଆରମ୍ଭକାରୀଙ୍କ ପାଇଁ ସୁଗମ କରିଥାଏ । ତାଙ୍କର ଆଲିମୁଖ୍ୟ ନିଶ୍ଚୁର ଶକ୍ତି ଅପେକ୍ଷା ତାଳ, ନିଶ୍ୱାସ, ସମନ୍ୱୟ ଏବଂ ମନନଶୀଳତା ଉପରେ ଗୁରୁତ୍ୱାରୋପ କରେ । ଯାହା ସମସ୍ତ ବୟସର ମହିଳାମାନଙ୍କୁ ନିରାପଦ ଏବଂ ସଶକ୍ତ ଉପାୟରେ ଶାରୀରିକ ଶକ୍ତି ସହିତ ପୁନଃ ସଂଯୋଗ କରିବାକୁ ଅନୁମତି ଦିଏ । ବଲବିନ୍ଦରଙ୍କ ମିଶନ ଫିଟନେସ୍ ବାହାରେ ସେ ପାରମ୍ପରିକ ଭାରତୀୟ ତାଲିମ ଉପକରଣଗୁଡ଼ିକୁ ଏକ ସାଂସ୍କୃତିକ ଐତିହ୍ୟ ଭାବରେ ଦେଖନ୍ତି ଯାହା ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ ସମ୍ମାନଜନକ ଆଧୁନିକୀକରଣ ପାଇବାକୁ ଯୋଗ୍ୟ । ଯୋଗ, ଶ୍ୱାସକ୍ରିୟା, ଧ୍ୟାନ, ମୁହଁ ଯୋଗ ଏବଂ ପ୍ରେରଣାଦାୟକ ପ୍ରଶିକ୍ଷଣ ସହିତ ମୁଦଗର ଅଭ୍ୟାସକୁ ସମନ୍ୱିତ କରି, ସେ ଏକ ସାମଗ୍ରିକ ସୁସ୍ଥତା ଢାଞ୍ଚା ସୃଷ୍ଟି କରନ୍ତି ଯାହା ଶାରୀରିକ ଏବଂ ମାନସିକ ସ୍ଥିରତାକୁ ସମର୍ଥନ କରେ । ତାଙ୍କର କାର୍ଯ୍ୟ ସୁସ୍ଥତା ସମ୍ପ୍ରଦାୟ, ସାଂସ୍କୃତିକ ଫିଟନେସ୍ ପ୍ରବକ୍ତା ଏବଂ ପାରମ୍ପରିକ କିନ୍ତୁ ଆଧାରିତ ତାଲିମର ବିକଳ୍ପ ଖୋଜୁଥିବା ମହିଳା ମାନଙ୍କୁ ଆକୃଷ୍ଟ କରୁଛି । କର୍ମଶାଳା, ପ୍ରଦର୍ଶନ ଏବଂ ଅନଲାଇନ ତାଲିମ ମାଧ୍ୟମରେ ମୁଦଗର ପାଞ୍ଚାର ଭାରତର ପାରମ୍ପରିକ ଶକ୍ତି ପ୍ରଣାଳୀ ର ଏକ ବ୍ୟାପକ ଆନ୍ତର୍ଜାତିକ ଦର୍ଶକଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି । ବଲବିନ୍ଦର କୌ ର ସହୋଦା ଦୈନନ୍ଦିନ ଜୀବନରେ ଏକ ପ୍ରାକୃତିକ ଆତ୍ମବିଶ୍ୱାସୀ ଏବଂ ସାଂସ୍କୃତିକ ଭାବରେ ମୂଳ ଅଂଶ ଭାବରେ କିଛି ପୁନରୁଦ୍ଧାର ପାଇଁ ମହିଳା ମାନଙ୍କୁ ପ୍ରେରଣା ଦେବ ଚାଲିଛନ୍ତି ।

ଉତ୍କଳ କଳାକାର ଏକାଡେମୀର ବୈଠକ

ରାଉରକେଲା,୨୦/୨(ନି/ପ୍ର): ଉତ୍କଳ କଳାକାର ଏକାଡେମୀ ସୁନ୍ଦରଗଡ ଚରଫଗୁଡ଼ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ସେଷ୍କର -୮ ସ୍ଥିତ ବୁଲୁଲି ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ବିପ୍ତି ସୁନ୍ଦରାୟ ଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଆସନ୍ତା ମାସରେ ହେବାକୁ ଥିବା ଦଖାଳ ଦିବସ, ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅଭିନୟ ବା ସେହି ସମ୍ପର୍କୀତ କର୍ମଶାଳା କରିବା ପାଇଁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ଗଠନେଖ ପ୍ରସ୍ତୁତ କରିବା ପାଇଁ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଗଲା । ଏହି ବୈଠକରେ ସଭାପତି ଶ୍ରୀମତୀ ସୁନ୍ଦରାୟଙ୍କ ବ୍ୟତୀତ ସୁରେଶ ନନ୍ଦ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଲେଖାଚିର୍ମୟ ଆଚାର୍ଯ୍ୟ, ଶୁଭଲକ୍ଷ୍ମୀ ପାତ୍ର, ସବିତା ପ୍ରଧାନ, ପ୍ରିୟଙ୍କା ପାଣି, ଲୁକ୍ତବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ରାଷ୍ଟ୍ରର ସୌର ସମୃଦ୍ଧି ପାଇଁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ଆହୁତି

ରାଉରକେଲା,୨୦/୨(ନି/ପ୍ର): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରର ତତ୍ତ୍ୱାବଧାନରେ ରାଉରକେଲା ସେଷ୍କର-୨ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜିତ ହୋଇଯାଇଛି । ଶୁକ୍ରବାର ଦିନ ରାଷ୍ଟ୍ରର ସୌର ସମୃଦ୍ଧି ପାଇଁ ବହୁ ସଂଖ୍ୟାରେ ପରିଜନମାନେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ସକାଳେ ଯଜ୍ଞ ଏବଂ ସନ୍ଧ୍ୟାରେ ଯଜ୍ଞ ସଂସ୍କାର ଓ ଦେବ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶାନ୍ତିକୁଞ୍ଜର ଟୋଲି ନାୟକ ଅନୋଖିଲାଲ୍ ପଟେଲ, ରାମଲାଲ ଶର୍ମା, ଜଦ୍ରୀନ ଗୁର୍ଜର ଓ ମୟଙ୍କ ଚୌହାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ସାଧନା ଶତାବ୍ଦୀ ଏବଂ ବନ୍ଦନୀୟା ମାତାଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ନିମ୍ନଲିଖିତ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି: ଶତ ଶକ୍ତିର ସଂଗଠନ ଓ ଦୁର୍ଗା ଶକ୍ତିର ଜାଗରଣ । ହିମାଳୟର ଋଷି ସତ୍ତ୍ୱଙ୍କ ସୂକ୍ଷ୍ମ ସଂରକ୍ଷଣରେ ବିଶ୍ୱ ଜାଗରଣ । ପ୍ରଥମ ଦିନ: ଭବ୍ୟ ଜଳସ ଯାତ୍ରା ବହାରିଥିଲା । ଶୁକ୍ରବାର: ସକାଳେ ପ୍ରଜ୍ଞା ଯୋଗ ଓ ଧ୍ୟାନ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବାହ୍ନ ୮:୦୦ଟାରୁ ଯଜ୍ଞ ସଂସ୍କାର ଦେବ ପୂଜନ କରାଯାଇଥିଲା ଏବଂ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର: ଯଜ୍ଞ, ହବନ ଓ ପୂଜନ ସହିତ ସନ୍ଧ୍ୟାରେ ଯୁଗ ସଙ୍ଗୀତ ପ୍ରବଚନ ଓ ବୀର ଯଜ୍ଞ ଅନୁଷ୍ଠିତ ହେବ । ରବିବାର: ସକାଳେ ପ୍ରଜ୍ଞା ଯୋଗ, ଧ୍ୟାନ ଏବଂ ଯଜ୍ଞର ପୂର୍ଣ୍ଣାହୁତି ହେବ । ଏହି ସମସ୍ତ କାର୍ଯ୍ୟକ୍ରମ ଶକ୍ତିପୀଠର ତ୍ରୁଟି ଏବଂ କାର୍ଯ୍ୟକାରୀ ସଦସ୍ୟମାନଙ୍କ ଦେଖାଶୁଣାରେ ସୂଚାରୁରୂପେ ସମ୍ପାଦିତ ହେଉଛି ।

ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

ଭୁବନ,୨୦/୨: ଢେଙ୍କାନାଳ ଜିଲ୍ଲା ଭୁବନ ବନାଂଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଚରଫଗୁଡ଼ ଜଙ୍ଗଲ ନିଆଁ ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନ ବନାଂଚଳ ଅଧିକାରୀ ରାକେଶ ବଜେଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ବିଦ୍ୟୁତ ବିଭାଗ ଆସିଷ୍ଟାଂଟ ମ୍ୟାନେଜର ନଳିନୀ ଶଙ୍କର ରଥ,ଭୁବନ ବନପାଳ ଶ୍ରୀମତୀ ଜଳନା ବେହେରା, ଜିଲାଳ ବନପାଳ ଜବିତା ବିଶ୍ୱାଳ,ଫରେଷ୍ଟ ଗାର୍ଡ ତୁଳସୀ ସାହୁ ଅତିଥି ଭାବେ ଯୋଗଦେଇ ଆଗାମୀ ଗ୍ରୀଷ୍ମ ଋତୁରୁ ବୃକ୍ଷରେ ରଖିଛିପରିଜଙ୍ଗଲ ଅବକ୍ଷୟ, ବୋରି ଓ ନିଆଁ ଲାଗି ନଷ୍ଟ ।

କେଟେରର୍ସ ଆଣ୍ଡ ଡେକୋରେଟର ଓନର ଓ୍ୱେଲଫେୟାର ଆସୋସିଏସନର କର୍ମକର୍ତା ନିର୍ବାଚନ

ରାଉରକେଲା,୨୦/୨(ନି/ପ୍ର): କେଟେରର୍ସ ଆଣ୍ଡ ଡେକୋରେଟର ଓନର ଓ୍ୱେଲଫେୟାର ଆସୋସିଏସନର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସେଷ୍କର ୬ ଶାନ୍ତଳା ମନ୍ଦିର ଠାରେ ଆୟୋଜିତ ଅନୁଷ୍ଠାନର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ନିର୍ବାଚନ କରାଯାଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଆର୍ଜୁଣ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଭାବେ ରାଜପାଲ ଙ୍ଗି, ଉପସଭାପତି ଭାବେ ଶୁଭାଶିଷ ବଜ, ସମ୍ପାଦକ ଭାବେ ତନୁୟ କୁମାର ଷଡଙ୍ଗୀ ,ସହ ସମ୍ପାଦକ ଭାବେ ସର୍ବଶ୍ରୀ ଟି ପ୍ରକାଶ ରାଓ, ବାଣେଶ୍ୱର ପ୍ରସାଦ, ରାମଚନ୍ଦ୍ରବାସ, କୋଷାଧ୍ୟକ୍ଷ ରୂପେ ହରିପଦ ମାଝି,ସହ କୋଷାଧ୍ୟକ୍ଷ ରୂପେ ସରୋଜ କୁମାର ନନ୍ଦ, ଉପଦେଷ୍ଟା ଭାବେ ବିନ୍ନି କୁମାର ଙ୍ଗି, ଦୁର୍ଯୋଧନ ବେହେରା,ଗୋପୀ ପ୍ରଧାନ,ରବି ନାରାୟଣ ମହାରଣା ଓ ଲୋକ ସମ୍ପର୍କରେ ବାବୁଲି ପାଶିଗ୍ରାହୀ,ଝିପୋଣୀର ସୀମା ଟେଂ ଓ ଛେଷର ଗୁପ୍ତ ଟେଂଙ୍କୁ ଚୟନ କରାଯାଇଥିଲା । ଏନେଇ ସଭାପତିଶ୍ରୀ ମଲ୍ଲିକ ସୂଚନା ଦେଇ କହିଛନ୍ତି ଯେ କେଟେରର୍ସ ଆଣ୍ଡ ଡେକୋରେଟର ର ମାଲିକଙ୍କ ମଧ୍ୟରେ ଐକ୍ୟବଦ୍ଧତା, ପରସ୍ପର ମଧ୍ୟରେ ବିଶ୍ୱାସନିୟତା ସହ ଭଲ ମନ୍ଦରେ ପରସ୍ପର ର ସହଭାଗିତା ହେବା ଉପରେ ଗୁରୁତ୍ୱାରୋପ କରିବ ।

ସରଫଗଡ଼ ଜଳଭଣ୍ଡାର ନିକଟରେ ଦୁର୍ଘଟଣା :

ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିଲା ସ୍କୁଟି, ୨ ମୃତ

ସୁନ୍ଦରଗଡ଼,୨୦/୨(ନି/ପ୍ର): ଲେଫ୍ରିପଡ଼ା ଥାନା ସରଫଗଡ଼ ଜଳଭଣ୍ଡାର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ସ୍କୁଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡ଼ିଥିବାବେଳେ ୨ ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ଘଟଣାଟି ଗତକାଲି ବିକଳିତ ରାତିରେ ଘଟିଥିବା ପୁଲିସ ଅନୁମାନ କରିଛି । ତୁଲ ଯୁବକଙ୍କ ପରିଚୟ ହସ୍ତଗତ ହୋଇ ନାହିଁ । ସ୍କୁଟିର ନମ୍ବରରୁ ମୃତକମାନେ ହେମଗିରି ଟିକିଲିପଡ଼ା ଅଞ୍ଚଳର ହୋଇଥାଇପାରନ୍ତି ବୋଲି ପୁଲିସ କହିଛି । ଯୁବକ ଦ୍ୱୟ ସ୍କୁଟିରେ ମଣ୍ଡାବିରା ଅଞ୍ଚଳକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ପଡ଼ିଥିଲେ । ଲେଫ୍ରିପଡ଼ା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି ।

୯ଟି ବ୍ଲକରେ ନିୟମିତ ହ୍ରାସ ପାଉଛି ଭୂତଳ ଜଳସ୍ତର

ଭୁବନେଶ୍ୱର,୨୦/୨(ନି/ପ୍ର): ରାଜ୍ୟର ନଅଟି ବ୍ଲକରେ ନିୟମିତ ଭାବେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏହିସବୁ ବ୍ଲକ ମଧ୍ୟରେ ଭୁବନେଶ୍ୱର ଓ ଖୋରଧା ରହିଥିବା ଜଣାଯାଇଛି । ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ସଂକ୍ରାନ୍ତରେ ବିଜେପି ବିଧାୟକ ତଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ନିୟମିତ ଭାବେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା ୯ଟି ବ୍ଲକ ହେଉଛି ତାଳଚେର, ବାଲିଆପାଳ, କୋରେଇ, ଝାରସୁଗୁଡା, ଭୁବନେଶ୍ୱର, ବୋଲଗଡ, ଖୋରଧା, ନୟାଗଡ ଓ ନୂଆପଡା । ଏହିସବୁ ଜିଲ୍ଲାଗୁଡିକରେ ଭୂତଳ ଜଳସ୍ତର ହ୍ରାସ ମଧ୍ୟ ଧରଣର ବିପଦରେ ଥିବା କୁହାଯାଇଛି ।

ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ପରିଚାଳନା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କମିଟି ବୈଠକ

ନୂଆପଡ଼ା,୨୦/୨(ନି/ପ୍ର): ନୂଆପଡା ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀ ଓ ଝଗ୍ରାହିର ଛାତ୍ରାବାସମାନଙ୍କ ପରିଚାଳନା ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ ସମିତି ବୈଠକ ଜିଲ୍ଲାପାଳ ମଧୁସୂଦନ ରାଣାଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସଭାଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଓଏଜି ଝଗ୍ରାହିର ଅଧ୍ୟକ୍ଷ ବିଚିତ୍ରାନନ୍ଦ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ । ବୈଠକରେ ଜଣାଗଲା ଯେ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତ୍ୟେକ ଛାତ୍ରାବାସ ପାଇଁ ବିଭିନ୍ନ ଅନୁଦାନ ପ୍ରଦାନ ଉପରେ ଆଲୋଚନା ହୋଇଥିଲା । ଅନୁଦାନ ସବୁ ଛାତ୍ରାବାସର ବିଭିନ୍ନ ଜିନିଷ କ୍ରୟ ପାଇଁ ବ୍ୟୟ କରାଯାଏ । ଏହି କ୍ରୟ ପ୍ରକ୍ରିୟା ଜିଲ୍ଲାସ୍ତରୀୟ ସମିତିର ଚୟନ ଅନୁଯାୟୀ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଛାତ୍ରାବାସର ଛାତ୍ରମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ କ୍ରୟ ଏବଂ ଛାତ୍ରାବାସ ପାଇଁ କର୍ମଚାରୀ ନିଯୁକ୍ତିକୁ ବୈଠକରେ ଅନୁମୋଦନ ଦିଆଯାଇଥିଲା । ଜିଲ୍ଲାପାଳ ଅଧିକାରୀମାନଙ୍କୁ ସମସ୍ତ ପ୍ରକ୍ରିୟା କରିବାକୁ ଓ ନିୟମାନୁସାରେ କାର୍ଯ୍ୟସାଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସିଡିଏମଓ ଡା. ଧନେଶ୍ୱର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଣାଜ କୁମାର ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ବିପ୍ତିମନ୍ତ ଭୋଇ, ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନରେଲ ମ୍ୟାନେଜର ସମୀର ମୁଦୁଲି, ଖରିଆର ବ୍ଲକ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଓଏଲି ବାଦୀର ଅଧକ୍ଷ ସୁନିଲ କୁମାର ସାହୁ, ଓଏଲି ଝଗ୍ରାହିର ଅଧକ୍ଷ ବିଚିତ୍ରାନନ୍ଦ ସାହୁ ଏବଂ ଓଏଲିମାନଙ୍କ ନୋଡାଲ ଅଧିକାରୀ ଖେତି ଭୂଷଣ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଛତାମ ମିଶନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରାଉରକେଲା,୨୦/୨(ନି/ପ୍ର): ଜରେଇକେଲା ଜୁଷ୍ଟର ଅନ୍ତର୍ଗତ ଛତାମ ମିଶନ ପ୍ରାଥମିକ ବିଦ୍ୟାଳୟରେ ଶହେ ବୁଢତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ୟାଥଲିକ ବର୍ଚ୍ଚର ଫାଦର ଗ୍ଲାଟ୍ସନ ବୁଜାଡୁଙ୍କ ଏହି ବିଦ୍ୟାଳୟର ସଫଳତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ଯେ,ଶିକ୍ଷକମାନଙ୍କ ସେବା ଓ ତ୍ୟାଗ ଯୋଗୁଁ ଏହି ବିଦ୍ୟାଳୟ ଆଦର୍ଶ ନାଗରିକ ସୃଷ୍ଟି କରି ପାରିଛି ।ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଦେଶ ବିଦେଶକୁ ଯାଇ ସୁନାମ ଅର୍ଜନ କରିଛନ୍ତି । ପ୍ରଧାନ ଶିକ୍ଷକ କହିଥିଲେ ଯେ, ବାର୍ଷି ଚବିଶ ବର୍ଷ ହେବ ଏହି ବିଦ୍ୟାଳୟରେ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷକ ନଥିବା ବେଳେ ଘରୋଇ ଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହୋଇ ଚାର ଶିକ୍ଷା ଦାନ, ସେବା ମନୋଭାବ ଆଉ ତ୍ୟାଗ ଦ୍ୱାରା ସଫଳତା ସମ୍ଭବ ହୋଇପାରୁଛି । ଅଭିଭାବକ ଓ ପରିଚାଳନା କମିଟି ଏଥିନିମିନ୍ତ ସହଭାଗୀ ଓ ସମଭାଗୀ ହେବାକୁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ଚର୍ଚ୍ଚ ସଭାପତି ଜର୍ଜ କେରେଟୋ, ସି ଆର ସି ସି ମନୋହର ଅଇକ ଜାଣ୍ଡେ, ଅଜୀଲ ଚାର୍ଚ୍ଚୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ମନୋଜ କେରେଟୋ, ଜୋସେଫ ବୁଜାବୁଜା, ରାୟମଟି କେରେଟୋ ପ୍ରମୁଖ ବିଦ୍ୟାଳୟର ଶହେ ବର୍ଷର ଇତିହାସ ସମ୍ପର୍କରେ ସ୍ମରଣ କରାଇ କହିଥିଲେ ଯେ, ବାର୍ଚ୍ଚ ଦିନରୁ ଏହି ବିଦ୍ୟାଳୟ ଅବହେଳିତ ହୋଇ ପଡ଼ିଥିବା ବେଳେ ଏବେ ଏହା ବ୍ଲକ ସ୍ତରରେ ସୁନାମ ଆଣିଛି । ଶିକ୍ଷକ ମାର୍ଶାଲ କେରେଟୋ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ସୂର୍ଯ୍ୟ ତପୋ, ଶିକ୍ଷୟିତ୍ରୀ ମେରୀ ମାଗ୍ରିତା ସୋରେଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଆଦି କାର୍ଯ୍ୟକ୍ରମମାନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଚାଳନା କମିଟି ସଭାପତି ଅଜୀଲ ଚାର୍ଚ୍ଚୀ ଧନ୍ୟବାଦ ପ୍ରଦାନ କରିଥିଲେ ।ଅଭିଭାବକ ଓ ପରିଚାଳନା କମିଟି ଏଥିନିମିନ୍ତ ସହଭାଗୀ ଓ ସମଭାଗୀ ହେବାକୁ ସେ ଅନୁରୋଧ କରିଥିଲେ ।

ଆରଏସପିର ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୨୦/୨(ନି/ପ୍ର):ପୂତିତ ଖାଦ୍ୟ ପସନ୍ଦ ଏବଂ ସନ୍ତୁଳିତ ଆହାର ମାଧ୍ୟମରେ ଶାରୀରିକ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ, ସେଲ୍, ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କ ପାଇଁ ଫେବୃଆରୀ ୭ ତାରିଖରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଝଲଙ୍କଂଷ୍ପ;ସବୃଦ୍ଧ ସମୃଦ୍ଧି: ସୁସ୍ଥତା ପାଇଁ ପୁଷ୍ଟିକାରିତା ଶୀର୍ଷକ ଏକ ବକ୍ତବ୍ୟ ଆୟୋଜନ କରାଯାଇଥିଲା । ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ ଶ